RNI No.ODIODI/2010/33031

୧୬ ବର୍ଷ | Volume-16

ISSUE -179 | ସଂଖ୍ୟା-୧୭୯

ଭୁବନେଶ୍ୱର, ଶନିବାର, ୨୭ ସେପ୍ଟେମ୍ବର ୨୦୨୫

Bhubaneswar, Saturday, 27 September, 2025

୦୮ ପୃଷ୍ଠା | Pages-08

ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00

www.odishamanthan.com

MANTHAN

# ମନ୍ଥନ

www.odishamanthan.com | RNI No. ORIORI/2010/33031

ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର





DSPL-279

ଭାରତ ସରକାର | ଓଡ଼ିଶା ସରକାର



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ
ସେବା ହିଁ ସଂକଳ୍ପ
ରାଷ୍ଟ୍ର ହିଁ ପ୍ରଥମ ପ୍ରେରଣା.... ୭୫ ବର୍ଷ



ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ସେବା ପର୍ବ-୨୦୨୫

~ ₹୬୦,୦୦୦ କୋଟି ମୂଲ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ଓ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶୁଭ ଉନ୍ମୋଚନ

ପ୍ରଧାନମନ୍ତ୍ରୀ

## ଶ୍ରୀ ନରେନ୍ଦ୍ର ମୋଦୀଙ୍କ

କରକମଳରେ

୨୭ ସେପ୍ଟେମ୍ବର ୨୦୨୫ | ପୂର୍ବାହ୍ନ ୧୧:୩୦ | ଅମଲିପାଲି ପଡ଼ିଆ, ଝାରସୁଗୁଡ଼ା

### ଭିତ୍ତିପ୍ରସ୍ତର ସ୍ଥାପନ

- ଆଠଟି IIT (ଭିଲାଇ, ଧାରୱାଡ଼, ଜମ୍ମୁ, ପଲକ୍କଡ଼, ଯୋଧପୁର, ଇନ୍ଦୋର, ପାଟନା ଏବଂ ତିରୁପତି) ର ଭିତ୍ତିଭୂମି ସମ୍ପ୍ରସାରଣ ସହିତ ଆଗାମୀ ୪ ବର୍ଷରେ **୧୨ ହଜାର ସିଟ୍ ବୃଦ୍ଧି - ₹ ୧୧,୦୦୦ କୋଟି**
- **ସମ୍ବଲପୁର ସିଟି-ସରଲା** ମଧ୍ୟରେ **273 କୋଟି** ଟଙ୍କାର ରେଳ ଫ୍ଲାଇଓଭର
- ଭୁବନେଶ୍ୱର IIT ର ସହଯୋଗରେ ସେମିକଣ୍ଡକ୍ଟର ଏବଂ ESDM ପାର୍କ ସ୍ଥାପନା ପାଇଁ ଶିଳାନ୍ୟାସ

### ନୂତନ ପ୍ରକଳ୍ପ/ ଯୋଜନା

- **MERITE** ଯୋଜନା ମାଧ୍ୟମରେ ଇଞ୍ଜିନିୟରିଂ ଏବଂ ପଲିଟେକ୍‌ନିକ୍ ଶିକ୍ଷାନୁଷ୍ଠାନ ମାନଙ୍କର ଉନ୍ନତୀକରଣ **-₹ ୪,୨୦୦ କୋଟି**
- **BSNL** ଦ୍ୱାରା ସ୍ୱଦେଶୀ 4G (5G ପ୍ରସ୍ତୁତ) ନେଟୱର୍କ ସେବା
- ଓଡିଶାରେ କୌଶଳ ବିକାଶକୁ ଆଗେଇ ନେବା ପାଇଁ ବିଶ୍ୱ ଦକ୍ଷତା ବିକାଶ କେନ୍ଦ୍ର ସ୍ଥାପନା ସହିତ **₹ ୧,୯୭୯ କୋଟି** ଟଙ୍କାର ପ୍ରକଳ୍ପ

### କାର୍ଯ୍ୟାଦେଶ ବଣ୍ଟନ

**"ଅନ୍ତ୍ୟୋଦୟ ଗୃହ ଯୋଜନା"** ଅଧୀନରେ **୫୦ ହଜାର** ଘର ନିର୍ମାଣ ନିମନ୍ତେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପତ୍ର ବଣ୍ଟନ

### ଶୁଭାରମ୍ଭ

**ବ୍ରହ୍ମପୁର ଏବଂ ସୁରଟ (ଉଧନା)** ମଧ୍ୟରେ ଅମୃତ ଭାରତ ଏକ୍ସପ୍ରେସ୍‌କୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ

### ରାଷ୍ଟ୍ରକୁ ସମର୍ପଣ

- **କୋରାପୁଟ-ବାଇଗୁଡା** ରେଳ ଲାଇନ୍ ଦୋହରୀକରଣ **-₹ ୪୯୧ କୋଟି**
- **ମାନାବାର-କୋରାପୁଟ-ଗୋରାପୁର** ରେଳ ଲାଇନ୍ ଦୋହରୀକରଣ **- ₹ ୯୫୫ କୋଟି**

### ଉଦ୍‌ଘାଟନ

ରାଜ୍ୟର **୧୩୦ଟି** ଉଚ୍ଚଶିକ୍ଷା ଅନୁଷ୍ଠାନରେ **WI-FI ସୁବିଧା,** ଉପକୃତ ହେବେ **୨.୫ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ - ₹ ୯୦ କୋଟି**

### ଯୋଜନା ଉନ୍ମୋଚନ

ବୀର ସୁରେନ୍ଦ୍ର ସାଏ ଆର୍ୟୁବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ, ବୁର୍ଲା ଏବଂ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ, ବ୍ରହ୍ମପୁରକୁ ବିଶ୍ୱସ୍ତରୀୟ **ସୁପରସ୍ପେଶାଲିଟି** ଚିକିତ୍ସାଳୟରେ ରୂପାନ୍ତରଣ କରାଯିବ **- ₹ ୩,୦୦୦ କୋଟି**

ଗରିମାମୟ ଉପସ୍ଥିତି

**ଡ. ହରି ବାବୁ କମ୍ଭମପାଟି**
ରାଜ୍ୟପାଳ, ଓଡ଼ିଶା

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀ ଜୁଏଲ ଓରାମ**
କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ

**ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ**
ଉପ- ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀମତୀ ପ୍ରଭାତୀ ପରିଡ଼ା**
ଉପ- ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀ ସୁରେଶ ପୂଜାରୀ**
ମନ୍ତ୍ରୀ, ଓଡ଼ିଶା ସରକାର
(ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା)

**ଶ୍ରୀ ରବି ନାରାୟଣ ନାଏକ**
ମନ୍ତ୍ରୀ, ଓଡ଼ିଶା ସରକାର
(ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ)

**ଡ. ମୁକେଶ ମହାଲିଙ୍ଗ**
ମନ୍ତ୍ରୀ, ଓଡ଼ିଶା ସରକାର
(ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା)

**ଶ୍ରୀ ସୂର୍ଯ୍ୟବଂଶୀ ସୂରଜ**
ମନ୍ତ୍ରୀ, ଓଡ଼ିଶା ସରକାର
(ଉଚ୍ଚଶିକ୍ଷା, କ୍ରୀଡା ଏବଂ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି)

**ଶ୍ରୀ ବୈଜୟନ୍ତ ପଣ୍ଡା**
ସାଂସଦ, କେନ୍ଦ୍ରାପଡ଼ା

**ଶ୍ରୀ ପ୍ରଦୀପ ପୁରୋହିତ**
ସାଂସଦ, ବରଗଡ଼

**ଶ୍ରୀ ଜୟନାରାୟଣ ମିଶ୍ର**
ବିଧାୟକ, ସମ୍ବଲପୁର

**ଶ୍ରୀ ଟଙ୍କଧର ତ୍ରିପାଠୀ**
ବିଧାୟକ, ଝାରସୁଗୁଡ଼ା

## ଓଡ଼ିଶା ସରକାର

OIPR-11001/13/0108/2526

Live on DD News and DD Odia

Scan for Live View

ସମ୍ପାଦକୀୟ
ଶନିବାର ୨୭ ସେପ୍ଟେମ୍ବର ୨୦୨୫, ଭୁବନେଶ୍ୱର
SATURDAY 27 SEPTEMBER, 2025, BHUBANESWAR



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ସମ୍ପାଦକୀୟ

## ସରକାରୀ ସ୍କୁଲ

କେନ୍ଦ୍ର ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ କାର୍ଯ୍ୟକାରୀତା ମନ୍ତ୍ରଣାଳୟର ଶିକ୍ଷା ସମ୍ପର୍କିତ କମ୍ପ୍ରେହେନସିଭ୍ ମଡ୍ୟୁଲର ସର୍ଭେ ରିପୋର୍ଟରେ କୁହାଯାଇଛି ଯେ, ଚଳିତ ଶିକ୍ଷାବର୍ଷରେ ଦେଶରେ ପ୍ରତି ୪ଜଣରେ ଜଣେ ସ୍କୁଲ ଛାତ୍ର ଅର୍ଥାତ ହାରାହାରି ୨୭ପ୍ରତିଶତ ଛାତ୍ର ପାଠ ବୁଝିବା ପାଇଁ ଘରୋଇ ଟ୍ୟୁସନ ବା କୋଚିଂ ଉପରେ ନିର୍ଭର କରନ୍ତି। ସହରାଚଂଳରେ ୩୦.୭ ପ୍ରତିଶତ ଛାତ୍ରଛାତ୍ରୀ ଘରୋଇ ଟ୍ୟୁସନ ଉପରେ ନିର୍ଭର କରୁଥିବାବେଳେ ଗ୍ରାମାଚଂଳରେ ୨୫.୫ ପ୍ରତିଶତ ନିର୍ଭରଶୀଳ। ତେବେ ଘରୋଇ କୋଚିଂ ପାଇଁ ସହରାଚଂଳରେ ଗୋଟିଏ ପିଲା ପାଇଁ ପ୍ରାଥମିକ ବିଦ୍ୟାଳୟ ସ୍ତରରେ ପ୍ରାୟ ୪୦୦୦ଟଙ୍କା ଖର୍ଚ୍ଚ କରିବାକୁ ପଡୁଥିବା ସମୟରେ ଉଚ୍ଚ ମାଧ୍ୟମିକ ପିଲାଙ୍କ ପିଛା ୧୦,୦୦୦ଟଙ୍କା ବ୍ୟୟ କରିବାକୁ ପଡୁଛି। ରିପୋର୍ଟରେ ଆହୁରି କୁହାଯାଇଛି ଯେ କେବଳ ନବମ ଓ ଦଶମ ଶ୍ରେଣୀରେ ପଢୁଥିବା ୪୪.୬ ପ୍ରତିଶତ ଛାତ୍ରଛାତ୍ରୀ ଘରୋଇ କୋଚିଂ ସେଂଟର ଗୁଡିକରେ ଶିକ୍ଷା ନେଇଥିବା ବେଳେ ଗ୍ରାମାଚଂଳରେ ଏହା ୩୩.୧ ପ୍ରତିଶତ ରହିଛି। ଦେଶବ୍ୟାପୀ ହାରାହାରି ୩୭ପ୍ରତିଶତ ଛାତ୍ରଛାତ୍ରୀ ବିନା କୋଚିଂରେ ପାଠ ବୁଝିପାରୁନାହାଁନ୍ତି। ଯାହାକି ସ୍କୁଲଶିକ୍ଷାର କୁଶଳତା ଓ ପ୍ରାବଲ୍ୟତା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି କୁହାଯାଇପାରେ। କେବଳ ଏତିକି ନୁହେଁ କ୍ଲାସରୁମ ଶିକ୍ଷା ନିଜର ମହତ୍ୱ ହରାଉଥିବା ବେଳେ କୋଚିଂ ସେଂଟର ଗୁଡିକ ଏବେ ପିଲାଙ୍କ ପାଇଁ ଛାୟା ସ୍କୁଲରେ ପରିଣତ ହୋଇଛି। ଏହା ନିସନ୍ଦେହ ଯେ, ଦେଶରେ ଛତୁ ଫୁଟିବା ଭଳି କୋଚିଂ ସେଂଟର ଗଢି ଉଠିଥିବାବେଳେ ସେଗୁଡିକ ପିଲାଙ୍କ ପାଇଁ ପ୍ରତିଯୋଗିତାମୂଳକ ପରୀକ୍ଷା ଲାଗି ପ୍ରସ୍ତୁତ ଏବଂ ଗୁରୁତ୍ୱପୂର୍ଣ୍ଣ ଶ୍ରେଣୀରେ ପରିଣତ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ଏଥିଲାଗି ପରିବାରଗୁଡିକ ସେମାନଙ୍କ ବାର୍ଷିକ ବ୍ୟୟର ୯ରୁ ୧୨ପ୍ରତିଶତ ବ୍ୟୟ କରିଥାନ୍ତି ବୋଲି ରିପୋର୍ଟରେ କୁହାଯାଇଛି। କହିବା ବାହୁଲ୍ୟ ଯେ, ଶ୍ରେଣୀ କକ୍ଷ୍ୟରେ ପିଲାଙ୍କ ପ୍ରତି ଶିକ୍ଷକଙ୍କ ବ୍ୟକ୍ତିଗତ ଧ୍ୟାନର ଅଭାବ ଯୋଗୁଁ ସେମାନେ କୋଚିଂ ମୁହାଁ ହେବାକୁ ବାଧ୍ୟ ହେଉଛନ୍ତି। ସେହିପରି ପିଲାମାନେ କୋଚିଂ ମୁହାଁ ହେବା ପାଇଁ ଶିକ୍ଷକମାନେ ମଧ୍ୟ ଦାୟୀ, ଅଧିକ ଉପାର୍ଜନ ପାଇଁ ଘରୋଇ କୋଚିଂ ପାଇଁ ଶିକ୍ଷକମାନେ ବାଧ୍ୟ କରୁଥିବା ଆଶଙ୍କାକୁ ମଧ୍ୟ ଏଡାଇ ଦିଆଯାଇନପାରେ। ଆମ ରାଜ୍ୟରେ ମଧ୍ୟ ଘରୋଇ କୋଚିଂ ସେଂଟର ମୁହାଁ ଛାତ୍ରଛାତ୍ରୀଙ୍କ ସଂଖ୍ୟା କମ୍ ନୁହେଁ। ରିପୋର୍ଟରେ କୁହାଯାଇଛି ଯେ, ରାଜ୍ୟରେ ପ୍ରାଥମିକରୁ ଉଚ୍ଚମାଧ୍ୟମିକ ସ୍ତରରେ ୫୭.୧ ପ୍ରତିଶତ ଘରୋଇ କୋଚିଂ ସେଂଟର ବିନା ପାଠ ବୁଝିପାରୁନଥିବାବେଳେ ସହରାଚଂଳରେ ୬୬.୬ ପ୍ରତିଶତ ଓ ଗ୍ରାମାଚଂଳରେ ୫୪.୬ ପ୍ରତିଶତ ପିଲା ଘରୋଇ କୋଚିଂ ନେଉଛନ୍ତି। ଉଚ୍ଚ ମାଧ୍ୟମିକ ସ୍ତରରେ ୬୮.୭ ପ୍ରତିଶତ ଛାତ୍ରଛାତ୍ରୀ ଘରୋଇ କୋଚିଂ ଉପରେ ନିର୍ଭରଶୀଳଥିବା କୁହାଯାଇଛି । ସେହିପରି କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ୟୁନିଫାଏଡ ଡିଷ୍ଟ୍ରିକ୍ଟ ଇନ୍ଫର୍ମେସନ୍ ସିଷ୍ଟମ ଫର ଏଜୁକେଶନ(ୟୁ-ଡାଇଜ୍ ପ୍ଲସ) ୨୦୨୪-୨୫ ରିପୋର୍ଟରେ ଯେଉଁ ତଥ୍ୟ ପ୍ରକାଶ ପାଇଛି, ତାହା ନିଶ୍ଚିତ ଭାବେ ଚିନ୍ତାଜନକ। ରିପୋର୍ଟରେ କୁହାଯାଇଛି ଯେ, ଦେଶରେ ସରକାରୀ ବିଦ୍ୟାଳୟ ସଂଖ୍ୟା ହ୍ରାସ ପାଇଥିବାବେଳେ ଘରୋଇ ସ୍କୁଲ ସଂଖ୍ୟା ବଢିଛି। ସେହିପରି ସରକାରୀ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ନାମ ଲେଖା ହ୍ରାସ ପାଉଥିବା ସମୟରେ ଘରୋଇ ଶିକ୍ଷାନୁଷ୍ଠାନରେ ନାମଲେଖା ଆଶାତୀତ ଭାବେ ବୃଦ୍ଧି ପାଇଛି। ଉଲ୍ଲେଖଯୋଗ୍ୟ ଯେ, ଦେଶରେ ୧୫ ନିୟୁତ ଉଭୟ ସରକାରୀ ଓ ବେସରକାରୀ ବିଦ୍ୟାଳୟର ୯.୬ ନିୟୁତ ଶିକ୍ଷକ ଏବଂ ୨୬କୋଟି ୪୦ଲକ୍ଷ ଛତ୍ରଛାତ୍ରୀଙ୍କୁ ମତ ନେଇ ଏହି ୟୁ-ଡାଇଜ ପ୍ଲସ ସର୍ଭେ ରିପୋର୍ଟ ପ୍ରସ୍ତୁତ କରାଯାଇଥିଲା। ତେବେ ସରକାରୀ ସ୍କୁଲରେ ଛାତ୍ରଛାତ୍ରୀଙ୍କ ନାମଲେଖା ହ୍ରାସ ନିଶ୍ଚିତ ଭାବେ ଚିନ୍ତାଜନକ। ଏହା ନିସନ୍ଦେହ ଯେ, ପ୍ରାଥମିକ ଠାରୁ ଆରମ୍ଭ କରି ମାଧ୍ୟମିକ ଓ ଉଚ୍ଚମାଧ୍ୟମିକ ପର୍ଯ୍ୟନ୍ତ ସରକାରୀ ସ୍କୁଲରେ ଗୁଣାତ୍ମକ ଭିତଭୂମି, ତାଲିମପ୍ରାପ୍ତ କର୍ମଚାରୀ ଏବଂ ଉତରଦାୟିତ୍ୱର ଅଭାବ ଯୋଗୁଁ ଅଭିଭାବକ ଓ ପିଲା ଘରୋଇ ବିଦ୍ୟାଳୟ ମୁହାଁ ହୋଇଛନ୍ତି। କହିବା ଅଯଥାର୍ଥ ହେବ ନାହିଁ ଯେ, ସରକାରୀ ବିଦ୍ୟାଳୟରେ ଜଣେ ପିଲା ପିଛା ଯେତିକି ବ୍ୟୟ ହୋଇଥାଏ, ବେସରକାରୀ ବା ଘରୋଇ ଶିକ୍ଷାନୁଷ୍ଠାନରେ ଏହାର ୯ଗୁଣ ଦେୟ ଦେବାକୁ ହୋଇଥାଏ। ଏହା ନିସନ୍ଦେହ ଯେ, ସରକାରୀ ସ୍କୁଲର ଉନ୍ନତି ନେଇ ସରକାରଙ୍କ ବିଫଳତା କେବଳ ସ୍କୁଲ ସଂଖ୍ୟା ହ୍ରାସ ପାଇ ନାହିଁ ଶିକ୍ଷାର ମାନ ମଧ୍ୟ ହ୍ରାସ ପାଇଛି ବୋଲି କୁହାଯାଇପାରେ। ଆମ ରାଜ୍ୟ ମଧ୍ୟ ଏଥିରୁ ବାଦ ପଡିନାହିଁ। ରାଜ୍ୟରେ ୧୨୮ଟି ସରକାରୀ ସ୍କୁଲ ବନ୍ଦ ହୋଇଯାଇଥିବା ଛାତ୍ରଛାତ୍ରୀଙ୍କ ନାମଲେଖା ସଂଖ୍ୟା ମଧ୍ୟ ଗତବର୍ଷ ତୁଳନାରେ ୧,୧୨,୮୫୮ ହ୍ରାସ ପାଇଛି। ଯାହାକି ଅତ୍ୟନ୍ତ ଚିନ୍ତାଜନକ ବୋଲି କୁହାଯାଇପାରିବ। ଏହା ସତ୍ତ୍ୱେ ୟୁ-ଡାଇଜ ପ୍ଲସ ରିପୋର୍ଟରେ ସରକାରୀ ବିଦ୍ୟାଳୟ ସମ୍ପର୍କରେ ଯେଉଁ ସନ୍ତୋଷଦାୟକ ତଥ୍ୟ ପ୍ରକାଶ ପାଇଛି, ତାହା ହେଉଛି ଶିକ୍ଷକ ସଂଖ୍ୟା ବୃଦ୍ଧି ଓ ଅଧାରୁ ପାଠ ଛାଡୁଥିବା(ଡ୍ରପ ଆଉଟ) ଛାତ୍ରଛାତ୍ରୀଙ୍କ ହ୍ରାସ। ଦେଶ ସ୍ୱାଧୀନ ହେବା ପରଠାରୁ ଚଳିତ ଶିକ୍ଷାବର୍ଷରେ ଦେଶରେ ଶିକ୍ଷକଙ୍କ ସଂଖ୍ୟା ୧କୋଟିରୁ ଅତିକ୍ରମ କରିଛି। ଦେଶରେ ମୋଟ ଶିକ୍ଷକଙ୍କ ସଂଖ୍ୟା ୩,୪୪,୧୧୬କୁ ବୃଦ୍ଧି ପାଇଛି।

# ଭାଷା ବିଶାରଦ ଗୋପାଳ ଚନ୍ଦ୍ର

**ଇନ୍ଦୁ ଭୂଷଣ ଭୂୟାଁ (ବାଦଲ)**

ଓଡ଼ିଶାର ଯଶସ୍ୱୀ ସାରସ୍ୱତ ପୁରୁଷ 'ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ'ର ପ୍ରଣେତା ଗୋପାଳ ଚନ୍ଦ୍ର ପ୍ରହରାଜ ଜଣେ ସୁପ୍ରସିଦ୍ଧ ଭାଷାତତ୍ତ୍ୱବିତ୍ ଓ ସୁଲେଖକ । ଭାଷା, ସାହିତ୍ୟ, ସଂସ୍କୃତି ଓ ଜାତି ପ୍ରୀତିବୋଧର ଅଲିଭା ଅଭିବ୍ୟକ୍ତି ହେଉଛି ଉତ୍କଳ କାହାଣୀ, ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ, ଢ଼ଗଢ଼ମାଳି ଏବଂ ବହୁ ରମ୍ୟ ରଚନା । ସେ ସଂସ୍କୃତ, ଇଂରାଜୀ, ପାର୍ଶୀ, ବଙ୍ଗଳା, ହିନ୍ଦୁସ୍ଥାନୀ ଆଦି ଭାଷାରେ ପଣ୍ଡିତ ଥିଲେ ମଧ୍ୟ ତାଙ୍କର ଭାଷା ଓ ସାହିତ୍ୟ ପ୍ରତି ଅପୂର୍ବ ଶ୍ରଦ୍ଧା ଓ ଅନୁରାଗ ତାଙ୍କର ସମଗ୍ର ଜୀବନ ଓ ଜିଜ୍ଞାସାକୁ ସାରସ୍ୱତ ମାର୍ଗରେ ନିୟୋଜିତ କରିବାକୁ ପ୍ରେରଣା ଦେଇଥିଲା ।

ଭାଷା ବିଶାରଦ ଗୋପାଳଚନ୍ଦ୍ର ପ୍ରହରାଜ ୧୮୭୪ ମସିହା ସେପ୍ଟେମ୍ବର ୨୭ ତାରିଖରେ କଟକ ଜିଲ୍ଲାସ୍ଥ ସିଦ୍ଧେଶ୍ୱରପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ନରସିଂହ ପ୍ରହରାଜଙ୍କ ସତର ଗୋଟି ଝିଅ ଓ ପୁଅଙ୍କ ମଧ୍ୟରୁ ଗୋପାଳଚନ୍ଦ୍ର ଥିଲେ ବଡ଼ ପୁଅ ଓ ଦ୍ୱିତୀୟ ସନ୍ତାନ । ତାଙ୍କ ପୂର୍ବପୁରୁଷମାନେ ପୁରୀ ଜିଲ୍ଲାର ଗୋବିନ୍ଦପୁର ଶାସନର ବ୍ରାହ୍ମଣ ଥିଲେ । ତାଙ୍କ ବଂଶର ପୂର୍ବପୁରୁଷ ସୁଦାମ ଆଚାର୍ଯ୍ୟ ସିଦ୍ଧେଶ୍ୱରପୁରରେ ବାହା ହୋଇ ସେଠାରେ ସ୍ଥାୟୀ ଭାବରେ ଅବସ୍ଥାନ କରିଥିଲେ । ପରବର୍ତ୍ତୀ ସମୟରେ ତାଙ୍କର ଜଣେ ବଂଶଧର ପ୍ରହରାଜ ଉପାଧି ପାଇଥିଲେ । ପିଲାଦିନେ ଗୋପାଳଚନ୍ଦ୍ର ବହୁତ ଦୁଷ୍ଟ ଥିଲେ । ସେ ତାଙ୍କ ଗାଁଗହଳିରେ ପାଠପଢ଼ା ଆରମ୍ଭ କରିଥିଲେ । ସେତେବେଳେ ଭଲ ପଢୁନଥିବାରୁ ତାଙ୍କ ଅବଧାନଙ୍କୁ ଖୁସି କରିବା ପାଇଁ ଭଲ ଭଲ ଖାଇବା ଜିନିଷ ଦେଉଥିଲେ । ପ୍ରାଥମିକ ଶିକ୍ଷା ଶେଷକରି ସିଦ୍ଧେଶ୍ୱରପୁରରେ ତାଙ୍କ ବାପାଙ୍କ ଦ୍ୱାରା ପ୍ରତିଷ୍ଠିତ ଭର୍ଣ୍ଣାକୁଲାର ସ୍କୁଲରେ ପାଠ ପଢ଼ିଲେ । ତାଙ୍କୁ ଏଗାର ବର୍ଷ ହୋଇଥିବାବେଳେ ୧୮୮୫ ମସିହାରେ ତାଙ୍କ ମା'ମୃତ୍ୟୁବରଣ କରିଥିଲେ । ମା'ଙ୍କ ସ୍ମୃତିରେ ସେ ତାଙ୍କ ପ୍ରଥମ କବିତା ବହି 'ମାତୃ ବିୟୋଗ' ଲେଖିଥିଲେ । ୧୮୮୭ ମସିହାରେ ତେର ବର୍ଷ ବୟସରେ ଉଚ୍ଚଶିକ୍ଷା ପାଇଁ ସେ କଟକ ଆସିଥିଲେ । ସେ କଟକର ରେଭେନ୍ସା କଲିଜିଏଟ୍ ସ୍କୁଲରେ ନାମ ଲେଖାଇଥିଲେ । ସ୍କୁଲରେ ସେ ଭଲ ପଢୁଥିଲେ ଓ ପ୍ରଥମ ତିନିଜଣଙ୍କ ଭିତରେ ରହୁଥିଲେ । ସେ ୧୮୯୧ ମସିହାରେ କଲିକତା ବିଶ୍ୱବିଦ୍ୟାଳୟରୁ ପ୍ରଥମ ଶ୍ରେଣୀ ଏଣ୍ଟ୍ରାନ୍ସ ପାଶ କରିଥିଲେ । ଓଡ଼ିଶାରେ ତୃତୀୟ ସ୍ଥାନ ଦଖଲ କରିଥିବାରୁ ମାସିକ ପନ୍ଦର ଟଙ୍କା ଲେଖାଏଁ ବୃତ୍ତି ପାଇଥିଲେ । ତା'ପରେ ସେ ରେଭେନ୍ସା କଲେଜରେ ଏଫଏ ଶ୍ରେଣୀରେ ନାମ ଲେଖାଇଲେ ମାତ୍ର କୁସଙ୍ଗରେ ପଡ଼ି ପଢ଼ାପଢ଼ି ନକରିବାରୁ ସେ ଦୁଇଥର ପରୀକ୍ଷାରେ ଫେଲ ହୋଇଥିଲେ । ବାପାଙ୍କ ଠାରୁ ଗାଳିଶୁଣି ଗୋପାଳଙ୍କ ମନ ବଦଳି ଯାଇଥିଲା ଓ ସେ ୧୮୯୪ ମସିହାରେ ପ୍ରଥମ ଶ୍ରେଣୀରେ ଏଫଏ ପାସ୍ କଲେ । ଏହାପରେ ସେ କଲିକତାରେ ଶିବପୁରରେ ଇଞ୍ଜିନିୟରିଂ ପଢ଼ିବାକୁ ଗଲେ । କିନ୍ତୁ ସେଠାରେ ତାଙ୍କ ଦେହ ଖରାପ ହେବାରୁ ବର୍ଷକ ପରେ ଫେରିଆସି ରେଭେନ୍ସା କଲେଜରେ ବିଏ ପଢ଼ିଲେ ଓ ୧୮୮୯ ମସିହା ବିଏ୍ ପାସ କଲେ । ୧୯୦୦ ମସିହାରେ ସେ ଲ'ପାସ କରିବା ପରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସହଯୋଗୀ ଭାବରେ ଓକିଲାତି ଆରମ୍ଭ କଲେ । ୧୯୧୪ ମସିହାରେ ତାଙ୍କ ବାପାଙ୍କ ମୃତ୍ୟୁପରେ ସେ ବଡ଼ପୁଅ ଭାବରେ ଘରର ଦାୟିତ୍ୱ ସୁଚାରୁରୂପେ ତୁଲାଇଥିଲେ । ସେ ୧୮ବର୍ଷ ବୟସରେ ମୁକ୍ତାମଣୀ ଦେବୀଙ୍କୁ ବିବାହ କରିଥିଲେ । ଓଡ଼ିଶା ସାହିତ୍ୟ ପ୍ରତି ଗୋପାଳଚନ୍ଦ୍ରଙ୍କର ବହୁତ ନିଷ୍ଠା ଥିଲା । ସେ ଏକାଧାରାରେ ଥିଲେ ଭାଷାବିତ୍, ପ୍ରାବନ୍ଧିକ, କବି, ଗାଳ୍ପିକ ଓ ସମାଲୋଚକ । 'ପୂର୍ଣ୍ଣଚନ୍ଦ୍ର ଓଡ଼ିଶା ଭାଷାକୋଷ' ତାଙ୍କର ଅନବଦ୍ୟ ସୃଷ୍ଟି । ୧୯୧୩ରୁ ୧୯୪୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଦୀର୍ଘ ୨୭ ବର୍ଷ କାଳ ଅକ୍ଲାନ୍ତ ପରିଶ୍ରମ କରି ୧ଲକ୍ଷ ୮୫ ହଜାର ଶବ୍ଦକୁ ଆବିଷ୍କାର କରି ୯୫୦୩ ପୃଷ୍ଠାର ପରିବ୍ୟାପ୍ତ ସାତଖଣ୍ଡରେ ଏହି ବିଶାଳ ଓଡ଼ିଆ ଅଭିଧାନ ପ୍ରଣୟନ କରିଥିଲେ, ଯାହା ଭାରତୀୟ ସାହିତ୍ୟ ଇତିହାସର ଏକ ଅନତିକ୍ରମ ଅଧ୍ୟାୟ । ଭାଷାକୋଷ ବ୍ୟତୀତ ଉତ୍କଳ କାହାଣୀ ୧ମ, ୨ୟ ଭାଗ, ଭାଗବତ ଟୁଙ୍ଗୀରେ ସନ୍ଧ୍ୟା, ବାଇ ମହାନ୍ତି ପାଞ୍ଜି, ମିଆଁ ସାହେବଙ୍କ ରୋଜନାମଚା, ଧୋରେ ବାଇଆ ଧୋ, ଦୁନିଆରେ ହାଲଚାଲ, ନନାଙ୍କ ବସ୍ତାନି, ଆମ ଘରର ହାଲଚାଲ, ବାଇନାନୀଙ୍କ ବୁଜୁଳି, ବାଇଦାସଙ୍କ ଭଜନ ଓ ଶିଶୁଗୀତ, ଢ଼ଗଢ଼ମାଳି ବଚନ ୧ ମ ଓନୟ ଜେଜେବାପାଙ୍କ ଟୁଣିମୁଣି, ସ୍ୱପ୍ନରେ ରାଜଯୋଗ, ଧତରାବନ୍ଧର ପୁଞ୍ଜିପାଞ୍ଝୁ, ସ୍ୱପ୍ନରେ ରାଜଧାନୀ ଯୋଗ, ମନର ପାଞ୍ଚ, ଭାଷାକୋଷ ପାଇଁ ସଫର, ଦୁନିଆର ରୀତି ଇତ୍ୟାଦି ତାଙ୍କର ଉଲ୍ଲେଖନୀୟ ରଚନାବଳୀ । ସେ ମେ' ୧୬ ତାରିଖ ୧୯୪୫ ମସିହାରେ ଆକସ୍ମିକ ଭାବରେ ଇହଧାମ ତ୍ୟାଗ କରିଥିଲେ ।

ପ୍ରତିଷ୍ଠାତା, ସମ୍ପାଦକ 'ସିଂହଭୂମ୍', ପୁରୁଣା ସୋନାରି, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨

# ଓଡ଼ିଶା : ଆକର୍ଷଣୀୟ, ଶାନ୍ତ, ଅବର୍ଣ୍ଣନୀୟ

**ଡ଼ଃ.ଅରୁନ୍ଧତୀ ଦେବୀ**

ଆକର୍ଷଣୀୟ, ଶାନ୍ତ, ଅବର୍ଣ୍ଣନୀୟ ଓଡ଼ିଶା ଏହି ତିନୋଟି ଶବ୍ଦର ସମାହାର କହିଲେ ଅତ୍ୟୁକ୍ତି ହେବନାହିଁ। ଭାରତର ପୂର୍ବ ଉପକୂଳରେ ଅବସ୍ଥିତ ଓଡ଼ିଶା ରମଣୀୟ ସ୍ଥାନ, ଅନନ୍ୟ ସଂସ୍କୃତି ଏବଂ ସୌହାର୍ଦ୍ଦ୍ୟ ଏବଂ ସ୍ନେହଶୀଳ ଲୋକଙ୍କ ଅପୂର୍ବ ସମାହାର। ୪୮୦ କିଲୋମିଟର ଦୀର୍ଘ ଉପକୂଳ, ନଭଶ୍ଚୁମ୍ବୀ ପର୍ବତମାଳା, ଶାନ୍ତ ହ୍ରଦ ଏବଂ ଚଳଚଞ୍ଚଳ ନଦନଦୀ ତଥା ବିଭିନ୍ନ ବନ୍ୟଜନ୍ତୁ ଅଭୟାରଣ୍ୟ, ସମୁଦ୍ରତଟ, ମନ୍ଦିର, ସ୍ମାରକସ୍ଥଳୀ, କଳା ଏବଂ ପର୍ବପର୍ବାଣୀରେ ଭରପୁର ଓଡ଼ିଶା ସମସ୍ତଙ୍କୁ ଏହା ପ୍ରତି ଆକର୍ଷିତ କରିଥାଏ। ପର୍ଯ୍ୟଟନ ଓଡ଼ିଶାର ଅର୍ଥନୀତିକୁ ପ୍ରମୁଖ ଅବଦାନ ଦେଇଥାଏ। ଭାରତର କିଛି ସ୍ଥାନ ସ୍ୱତନ୍ତ୍ର ମାନ୍ୟତାର ଅଧିକାରୀ ଏବଂ ଓଡ଼ିଶା ଏହା ମଧ୍ୟରୁ ଗୋଟିଏ ବୋଲି ନିଶ୍ଚିତ ଭାବେ କୁହାଯାଇପାରିବ। ଭାରତର ଭାସ୍କର୍ଯ୍ୟ ଏବଂ ଜଳାତ୍ମକ ଐତିହ୍ୟର ବାସ୍ତବିକ ସଂଗ୍ରହାଳୟ ଓଡ଼ିଶାର ପର୍ଯ୍ୟଟନକ ହିଁ ବୁଝାଯାଇଥାଏ ଏବଂ କୋଣାର୍କ ଦେବୀପ୍ୟମାନ ସୂର୍ଯ୍ୟମନ୍ଦିର, ପୁରୀସ୍ଥିତ ଭବ୍ୟ ଶ୍ରୀଜଗନ୍ନାଥ ମନ୍ଦିର ଏବଂ ମନ୍ଦିରମାଳିନୀ ସହର ଭୁବନେଶ୍ୱର ଦେଶବିଦେଶର ପଣ୍ଡିତ ଏବଂ ବିଶେଷଜ୍ଞଙ୍କ ଲାଗି ପ୍ରଥମ ପସନ୍ଦ ହୋଇଥାଏ। କ୍ରମାଗତ ବୃଦ୍ଧି ପାଇଥିବା ଅତ୍ୟାଧୁନିକ ପର୍ଯ୍ୟଟକ ଯେଉଁମାନେ ଓଡ଼ିଶା ପର୍ଯ୍ୟଟନ ପ୍ରତି ଆକର୍ଷିତ ମନ୍ଦିର, ପୁରୀ ପର୍ଯ୍ୟଟନ, ଓଡ଼ିଶା ହସ୍ତତନ୍ତ ଯାହା ସାରା ବିଶ୍ୱରେ ପ୍ରସିଦ୍ଧ ଏବଂ ପୁରୀ ଏବଂ ଗୋପାଳପୁର ସମୁଦ୍ରକୂଳ ସମ୍ପର୍କରେ କିଛି ନା କିଛି ଜ୍ଞାନ ରଖିଥାନ୍ତି।



ପର୍ବପର୍ବାଣି : ଅଗଣିତ ଧର୍ମ, ପୁରାତନ ମନ୍ଦିର, ସ୍ଥାନୀୟ ପୁଣ୍ୟସ୍ଥଳୀ ଏବଂ ପବିତ୍ର ସ୍ଥାନରେ ପରିପୂର୍ଣ୍ଣ ଓଡ଼ିଶାରେ ବାର ମାସରେ ତେର ଯାତ୍ରା ପାଳିତ ହୋଇଥାଏ। ରାଜ୍ୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପର୍ବପର୍ବାଣୀ ମଧ୍ୟରେ ପୁରୀ ରଥ ଯାତ୍ରା, ଚନ୍ଦନ ଯାତ୍ରା, କୋଣାର୍କ ନୃତ୍ୟ ଉତ୍ସବ ଅନ୍ୟତମ। ଓଡ଼ିଶାର ପବିତ୍ର ଭୂମିରେ ତିନିଗୋଟି ଧର୍ମ (ହିନ୍ଦୁ, ବୌଦ୍ଧ ଓ ଜୈନ)ର ବିକାଶ ଘଟିଛି ଯାହା ଖୁବ୍ ଧୁମଧାମରେ ଏହାର ଉତ୍ସବ ପାଳନ କରିଥାନ୍ତି। ଓନିଶାର ସାଂସ୍କୃତିକ ଏବଂ ଧାର୍ମିକ ପରମ୍ପରା ଭାରତରେ ଖୁବ୍ ପ୍ରସିଦ୍ଧ।

ସମୁଦ୍ରତଟ : ଓଡ଼ିଶା ଏହାର ରମଣୀୟ ସମୁଦ୍ର କୂଳ ଲାଗି ପ୍ରସିଦ୍ଧ ଯାହା ଜଣକ ଅବକାଶ ଭାବକୁ ଉଦ୍ରେକ କରିଥାଏ। ସ୍ୱର୍ଣ୍ଣିମ ବାଲୁକାରେ କୋମଳ ଖରାର ସ୍ପର୍ଶ ଜଣକୁ ଆନମନା କରିଦେଇଥାଏ। ଭାରତର ପୂର୍ବ ଉପକୂଳର ପ୍ରାଚ୍ୟ ପର୍ବତମାଳାର ବେଷ୍ଟନୀ ମଧ୍ୟରେ ଅବସ୍ଥିତ ଓଡ଼ିଶା ଦେଶର ଅନ୍ୟତମ ସୌନ୍ଦର୍ଯ୍ୟପୂର୍ଣ୍ଣ ସ୍ଥାନ ମଧ୍ୟରୁ ଅନ୍ୟତମ। ପୁରୀ ଏବଂ ଚାନ୍ଦିପୁର ସମୁଦ୍ରକୂଳ ପର୍ଯ୍ୟଟକଙ୍କ ସ୍ମୃତିରେ ଚିରଦିନ ପାଇଁ ସାଇତା ହୋଇ ରହିବା ଭଳି ଅଭିଜ୍ଞତା ପ୍ରଦାନ କରିଥାନ୍ତି।

ପର୍ଯ୍ୟଟନସ୍ଥଳୀ : ଓଡ଼ିଶା ଭ୍ରମଣ ପାଇଁ ଆସୁଥିବା ଦେଶବିଦେଶର ପର୍ଯ୍ୟଟକ ଏହାର ଅଦ୍ଭୁତ ବାସ୍ତୁକଳା ଏବଂ ଐତିହ୍ୟସ୍ଥଳୀର ବିସ୍ମୟକାରୀ ସୌନ୍ଦର୍ଯ୍ୟରେ ପ୍ରଭାବିତ ହୋଇଥାନ୍ତି। ପୁରୀର ଶ୍ରୀଜଗନ୍ନାଥ ମନ୍ଦିର, କୋଣାର୍କ ସୂର୍ଯ୍ୟ ମନ୍ଦିର, ଧଉଳି ଶାନ୍ତିସ୍ତୂପ, ଖଣ୍ଡଗିରି, ଉଦୟଗିରି, ଚିଲିକା ଏବଂ ଆହୁରି ଅନେକ ବୌଦ୍ଧ ଓ ଜୈନ ପର୍ଯ୍ୟଟନସ୍ଥଳୀ ପ୍ରତିବର୍ଷ ଲକ୍ଷ ଲକ୍ଷ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାନ୍ତି।

ତୀର୍ଥସ୍ଥଳୀ : ଅଦ୍ଭୁତ ବାସ୍ତୁକଳା ଏବଂ ଅଗଣିତ ମନ୍ଦିରରେ ପରିପୂର୍ଣ୍ଣ ଓଡ଼ିଶା ବର୍ଷସାରା ଦେଶବିଦେଶର ବିଭିନ୍ନ ସ୍ଥାନରୁ ତୀର୍ଥଯାତ୍ରୀଙ୍କୁ ଆକୃଷ୍ଟ କରିଥାଏ। ବିଶ୍ୱ ଐତିହ୍ୟସ୍ଥଳ କୋଣାର୍କ ସୂର୍ଯ୍ୟ ମନ୍ଦିର ବ୍ୟତୀତ ଓଡ଼ିଶା ଶ୍ରୀଜଗନ୍ନାଥଙ୍କ ଧାମ ବୋଲି ବିବେଚନା କରାଯାଇଥାଏ। ଖ୍ରୀଷ୍ଟପୂର୍ବ ୨୦୦୦ ପୂର୍ବର ଗୌରବମୟ ଇତିହାସ ସହିତ ଜଡ଼ିତ ଓଡ଼ିଶା ରଥଯାତ୍ରା ସମୟରେ ଦେଶବିଦେଶରୁ ଲକ୍ଷାଧିକ ଯାତ୍ରୀ ପୁରୀରେ ରୁଣ୍ଡ ହୋଇଥାନ୍ତି। ଏଥି ସହିତ ଦେଦୀପ୍ୟମାନ ଲିଙ୍ଗରାଜ ମନ୍ଦିର ଓ ଏବଂ ସୁନ୍ଦର କାରୁକାର୍ଯ୍ୟରେ ଖୋଦିତ ମୁକ୍ତେଶ୍ୱର ମନ୍ଦିରକୁ ଦେଖିବା ପାଇଁ ଲକ୍ଷାଧିକ ତୀର୍ଥଯାତ୍ରୀ ମଧ୍ୟ ଆସିଥାନ୍ତି। ହିନ୍ଦୁ, ଜୈନ ଏବଂ ବୌଦ୍ଧ ଧର୍ମାବଲମ୍ବୀଙ୍କ ଲାଗି ପବିତ୍ର ସ୍ଥଳୀ ଭାବେ ପରିଚିତ ଓଡ଼ିଶା ତୀର୍ଥଯାତ୍ରୀଙ୍କ ଲାଗି ପରମ କେନ୍ଦ୍ରସ୍ଥଳ।

ବନ୍ୟଜନ୍ତୁ : ପ୍ରକୃତିପ୍ରେମୀଙ୍କ ଅନ୍ତିମ ଲକ୍ଷ୍ୟସ୍ଥଳୀ ଭାବେ ଓଡ଼ିଶା ଦୁଃସାହସିକ ବନ୍ୟଜନ୍ତୁ ଭ୍ରମଣ ଲାଗି ସୁଯୋଗ ପ୍ରଦାନ କରିଥାଏ। ଭାରତରେ ବନ୍ୟ ଉଦ୍ୟାନ ଏବଂ ଅଭୟାରଣ୍ୟ ପାଇଁ ପ୍ରସିଦ୍ଧ ଓଡ଼ିଶା ଅଗଣିତ ବିରଳ ବନସ୍ପତି ଏବଂ ଜୀବଜନ୍ତୁ ପ୍ରଜାତିର ଆଶ୍ରୟସ୍ଥଳୀ। ସବୁଠୁ ଗହନ ଜଙ୍ଗଲ ଏବଂ ନାଲି ରେଶମ ପଶମ ଶାଢ଼ି, ବନ୍ୟ ଉଦ୍ୟାନର ଅଧିକାରୀ ଓଡ଼ିଶା ଏସୀୟ ସିଂହର ଜନ୍ମସ୍ଥଳୀ ଭାବେ ନିଜକୁ ପ୍ରମାଣିତ କରିସାରିଛି। ଓଡ଼ିଶାରେ ୬୬୧୧.୧୨ ବର୍ଗକିଲୋମିଟର ପରିମିତ ସଂରକ୍ଷିତ ଅଞ୍ଚଳ ନେଟୱାର୍କରେ ୧୮ଗୋଟି ଅଭୟାରଣ୍ୟ, ଏକ ଜାତୀୟ ଉଦ୍ୟାନ ଏବଂ ଗୋଟିଏ ପ୍ରସ୍ତାବିତ ଜାତୀୟ ପାର୍କ ଅବସ୍ଥିତ। ଏହି ବନ୍ୟ ଉଦ୍ୟାନଗୁଡ଼ିକ ରାଜ୍ୟର ୪.୨୫ ଭୌଗୋଳିକ ଅ□ଳ ଏବଂ ୧୧.୩୭ ବନାଞ୍ଚଳକୁ ନେଇ ଗଠିତ। ଏଥିସହିତ ଓଡ଼ିଶାର ଅତୁଳନୀୟ କଳା ସଂସ୍କୃତି ଓ ପରମ୍ପରା ଦେଶବିଦେଶର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ସହ ପ୍ରତିବର୍ଷ ରାଜ୍ୟକୁ ସେମାନଙ୍କୁ ରାଜ୍ୟକୁ ଟାଣି ଆଣିଥାଏ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦

# ଶକ୍ତି ଧର୍ମ ଓ ନବରାତ୍ର

**ହେମନ୍ତ କୁମାର ପରିଡ଼ା**

ସମୟର ସ୍ରୋତରେ କେବଳ ଉତ୍କଳ ନୁହେଁ ସମଗ୍ର ଭାରତ ବର୍ଷରେ ବହୁ ଧର୍ମ ଅବାରିତ ଧାରାରେ ପ୍ରବାହିତ ହୋଇ ଏହାକୁ କରିଛି ଆପ୍ଳୁତା ତନ୍ମଧ୍ୟରୁ ଶାକ୍ତ ଧର୍ମ ଅନ୍ୟତମ । ଶାକ୍ତଧର୍ମ କହିଲେ; ଯେଉଁ ଧର୍ମୀୟ ଚେତନାରେ ଶକ୍ତିଙ୍କୁ ସର୍ବୋଚ୍ଚ ସ୍ଥାନ ପ୍ରଦାନ କରାଯାଇ ଉପାସନା କରାଯାଏ । ଏ ଧାରାର ବିଭିନ୍ନ ଅଙ୍ଗ ମଧ୍ୟରୁ ତନ୍ତ୍ର ସର୍ବ ପ୍ରଧାନ । ତନ୍ତ୍ର କହିଲେ, ଏକ ନିର୍ଦ୍ଦିଷ୍ଟ ଅନୁସୃତ ପଦ୍ଧତି, ନିୟମ ବା ବିଧି ଅଥବା ଶାସ୍ତ୍ରର ସମନ୍ୱୟକୁ ବୁଝାଏ । ଏହି ଉକ୍ତିକୁ ଦେବୀ ଭଗବତାଦି ଗ୍ରନ୍ଥମାନେ ବେଦାଙ୍ଗ ରୂପ ପ୍ରଦାନ କରିଛନ୍ତି । ଯାହାର ଆଶ୍ରୟରେ ମାନବଗଣ ଆପଣାର ଆଧ୍ୟାତ୍ମିକ ଜ୍ଞାନକୁ ବିସ୍ତାରିତ କରି ନୈସର୍ଗିକ ଆନନ୍ଦ ଲାଭ କରିଥାନ୍ତି । ଏହାର ଉପାସକଗଣ ସର୍ବଦା ଶକ୍ତିବାଦରେ ବିଶ୍ୱାସୀ । ସେମାନଙ୍କୁ ଚିନ୍ତା ଓ ଚେତନାରେ ସୃଷ୍ଟିର ସକଳ କ୍ରିୟା ଶକ୍ତିଦ୍ୱାରା ହିଁ ନିୟନ୍ତ୍ରିତ ତଥା ପରିଚାଳିତ । କାରଣ ଶକ୍ତିବିନା ଶିବ ଶବରେ ପରିଣତ ହୋଇଯାନ୍ତି । 'ଶିବୋଽଣି ଶବତଂଯାତି' ଜଗତର ଶକ୍ତି ବୈକୃତିକ ରହସ୍ୟ ଏକ ବିଶାଳ ଦୃମ୍ ଆଖ୍ୟାରେ ଆଖ୍ୟାୟିତ ହେଲେ ମଧ୍ୟ ଏ ମହାଦ ମର ପ୍ରଥମ ସ୍ତର ବୀଜ ।

ଆସିଛି ଆଶ୍ୱିନ। ପାର୍ବଣର ପରିବେଶ। ବିଲମାଳ, ନଈପଠାରେ କାଶତଣ୍ଡିର ଫେନିକ ରାହାସ। ମା'ଆସୁଛନ୍ତି। ଦୁର୍ଗତି ନାଶିନୀ ମୋକ୍ଷପ୍ରଦାୟିନୀଙ୍କ ଆଗମନରେ ଧାରଣୀ ଚଳଚଞ୍ଚଳ। ଶିଳ୍ପୀ ହାତରେ ରଙ୍ଗର ପସରା। ପବନରେ ଭାସି ଆସୁଛି ମା'ଙ୍କର ଆଗମନର ଗୀତିକା। ମା' ଓହ୍ଲାଇଛନ୍ତି ଧରାପୃଷ୍ଠକୁ। ଦୁଃଖ, ଶୋକ ହରଣ କରି ସବୁରି ଓଠରେ ଭରିଦେବେ ଶାନ୍ତି-ମୈତ୍ରୀର ବାର୍ତ୍ତା। ଦେବୀଙ୍କ ଆଶୀର୍ବାଦରେ ସବୁ ପ୍ରତିକୂଳ ହେବ ସାଧନମୁଖୀ। ଘନ ଅନ୍ଧକାରରେ ମା'ଦେବେ ନିରନ୍ତର ଆଲୋକର ସନ୍ଧାନ। ତାଙ୍କରି କୃପା ଦୃଷ୍ଟିରେ ସକଳ ବ୍ୟାଧି ଦୂରେଇଯିବ। ପୋଛି ହୋଇଯିବ ସବୁ ସନ୍ତାପ। ସବୁ ଅଭାବ ପାଲଟିଯିବ ପୂର୍ଣ୍ଣତାରେ। ମା'ସୃଷ୍ଟି ସ୍ଥିତି ବିନାଶର ଆଧାର। ତାଙ୍କରି ଇଚ୍ଛାରେ ଆତଯାତ ଏ ସଂସାର। ଆଜିଠାରୁ ଆରମ୍ଭ ହେଉଛି ମା'ଦୁର୍ଗତିନାଶିନୀଙ୍କ ପବିତ୍ର ନବରାତ୍ରି ଉତ୍ସବ। ଏହି ନବରାତ୍ରିରେ କିଏ



ଉପବାସ ରଖିଛି, ପୁଣି କିଏ ମାନସିକରେ ମା'ଦୁଆରରେ ଦୀପ ଜାଳୁଛି। ମା'ଙ୍କର ଏହି ନବଦିନାତ୍ମକ ଯାତ୍ରାରେ ଦେଶ ବିଦେଶର ସମସ୍ତ ଶକ୍ତିପୀଠ ଉତ୍ସବମୁଖର। ଏହି ନଅ ଦିନ ମା'ମହିଷାମର୍ଦ୍ଦିନୀ ଭିନ୍ନ ଭିନ୍ନ ସ୍ୱରୂପରେ ଭକ୍ତଙ୍କୁ ଦର୍ଶନ ଦେଇ ଅଭୟ ପ୍ରଦାନ କରିବେ। 'ପ୍ରଥମଂ ଶୈଳପୁତ୍ରୀ ଚ, ଦ୍ୱିତୀୟଂ ବ୍ରହ୍ମଚାରିଣୀ। ତୃତୀୟଂ ଚନ୍ଦ୍ରଘଣ୍ଟେତି, କୁଷ୍ମାଣ୍ଡେତି ଚତୁର୍ଥକମ୍। ପଞ୍ଚମଂ ସ୍କନ୍ଦମାତେତି, ଷଷ୍ଠଂ କାତ୍ୟାୟନୀତି ଚ। ସପ୍ତମଂ କାଳରାତ୍ରୀତି, ମହାଗୌରୀ ଚାଷ୍ଟମମ୍। ନବମଂ ସିଦ୍ଧିଦାତ୍ରୀ ଚ, ନବଦୁର୍ଗାଃ ପ୍ରକୀର୍ତ୍ତିତାଃ, ଅକ୍ତାନ୍ୟେତାନି ନାମାନି, ବ୍ରାହ୍ମଣୈବ ମହାତ୍ମନା।'

ଦେବୀଭାଗବତ କହିଲେ; ପ୍ରଜାପତି ବ୍ରହ୍ମାଙ୍କ ବରରେ ବଳୀୟାନ ହୋଇ ମହିଷାସୁର ଦେବଗଣଙ୍କୁ ସ୍ୱର୍ଗଚ୍ୟୁତ କରିବା ପାଇଁ ଆକ୍ରମଣ କରିବାରୁ ବ୍ୟଥିତ ଦେବଗଣ ପ୍ରତିକାର ବିଧାନାର୍ଥେ ଭଗବାନ ବିଷ୍ଣୁଙ୍କର ଶରଣାପନ୍ନ ହୁଅନ୍ତି । ପଦ୍ମନାଭ ଦେବଗଣଙ୍କ ଦୁଃଖ ଶୁଣି କହିଲେ, ଏ ଦୈତ୍ୟ କୌଣସି ପୁରୁଷ ଶକ୍ତି ହସ୍ତରେ ନିଧନ ହେବ ନାହିଁ ଓ ବରପ୍ରାପ୍ତି ଅନୁଯାୟୀ ନାରୀ ହସ୍ତରେ ତାହାର ମୃତ୍ୟୁ ହେବ; ତେଣୁ ଏକ ସର୍ବଶକ୍ତିମୟୀ ନାରୀଙ୍କ ସୃଷ୍ଟି ଏକାନ୍ତ ଅପରିହାର୍ଯ୍ୟ । ଯଦି ସକଳ ଦେବତା ସେମାନଙ୍କର ଅଙ୍ଗୀକୃତ ନାରୀଶକ୍ତିକୁ ଜାଗ୍ରତପୂର୍ବକ ଏକତ୍ରିତ କରନ୍ତି ତେବେ ତଦ୍ଭବ ଶକ୍ତି ହିଁ ତାହାର ନିଧନର କାରଣ ବୋଲାଇବେ । ଏହା ଶୁଣି ଦେବଗଣ ସ୍ୱ ସ୍ୱ ଅଙ୍ଗରୁ ନାରୀଶକ୍ତିକୁ ଜାଗ୍ରତ ପୂର୍ବକ ଏକୀଭୂତ କରିବାକୁ ଲାଗିଲେ । ଉକ୍ତି ସମ୍ମିଳିତ ଶକ୍ତିରୁ ଯେଉଁ ନାରୀ ମୂର୍ତ୍ତି ସୃଷ୍ଟି ହେଲେ, ସେହିଁ ମହାମାୟା ମହାଶକ୍ତି ରୂପ ଧାରଣ କଲେ । ମାତ୍ର ମାର୍କଣ୍ଡେୟ ପୁରାଣୋକ୍ତ ଦେବୀମହାତ୍ମ୍ୟ କୁହନ୍ତି - ଦାନବର ଅତ୍ୟାଚାରରେ ଅତ୍ୟାଚାରିତ ଦେବଗଣଙ୍କ ସମ୍ମିଳିତ କ୍ରୋଧ ଏକ ବିରାଟ ଜ୍ୟୋତିପୁଞ୍ଜର ରୂପ ଧାରଣ କରି ଗଗନ ଚୁମ୍ବୀ ହୁତାସନ ସମ ପ୍ରଜ୍ୱଳିତ ହେବାକୁ ଲାଗିଲା । ସେଥିରୁ ଉଦ୍ଭବ ଘଟିଲା ଏକ ନାରୀର । ଅର୍ଥାତ୍ ଦେବଗଣଙ୍କ ଏକୀଭୂତ ଶକ୍ତିୟ ରୂପରେ ତାଙ୍କର ଆତ୍ମ ପ୍ରକାଶ ହେଲା । ସମବେତ ଦେବଗଣ ପୁନଶ୍ଚ ସ୍ୱ ସ୍ୱ ତେଜ ପୁଞ୍ଜରୁ ଅସ୍ତ୍ରଶସ୍ତ୍ରମାନ ଉତ୍ପନ୍ନ କରି ତାହାଙ୍କୁ ପ୍ରଦାନ ପୂର୍ବକ ମହାଶକ୍ତିରେ ପରିଣତ କଲେ । ଅନ୍ୟଥା ଯେ ମାତୃ ଶକ୍ତିକୁ ମନ ମଧ୍ୟରେ ଅନୁଭବ କରି ନପାରେ ବା ଭଗବତୀ ଶକ୍ତି ରୂପିଣୀ 'ମା'ର ପୂଜା ନ କରେ ବ ତାହାର ଶୁଭ ଆଗମନରେ ଆନନ୍ଦ ଅନୁଭବ ନକରେ ସେ କଦାପି କର୍ମ ଶକ୍ତିର ଆନନ୍ଦକୁ ଉପଲବ୍ଧି କରିପାରିବ ନାହିଁ । ଫଳତଃ ସେ ସତ ପ୍ରକୃତିର ବଶବର୍ତ୍ତୀ ହେବା ପରିବର୍ତ୍ତେ ଅସତ୍ ପ୍ରକୃତିର ବଶବର୍ତ୍ତୀ ହୋଇଥାଏ । କର୍ମମୟ ଜୀବନରେ ଉତ୍ସାହ, ନିଷ୍ଠା, ପ୍ରେରଣା ପାଇବା ପରିବର୍ତ୍ତେ ନିରୁତ୍ସାହିତ, ଗ୍ଲାନି, ପରାଜୟ, କର୍ମକୁଣ୍ଠା ତଥା ହିଂସାର ଭାବକୁ ମନ ମଧ୍ୟରେ ସ୍ଥାନ ଦେଇଥାଏ । ଏଜଗତରେ ମାତୃଶକ୍ତି ହିଁ ଅପରାଜେୟ ଆଦ୍ୟାଶକ୍ତି ରୂପେ ଯୁଗେ ଯୁଗେ ସମ୍ବୋଧିତା । ପ୍ରତ୍ୟେକ ଦେବତାର ବୈଶିଷ୍ଟ୍ୟ ତାଙ୍କର ସ୍ୱତନ୍ତ୍ର କ୍ଷମତାରେ । ଅପରାଜେୟ ମାତୃଶକ୍ତିର ଅଧିକାରୀ ହେବାପାଇଁ ପ୍ରତିଟି ପ୍ରାଣରେ ମହାମାୟାଙ୍କ କରୁଣା ଅପରିହାର୍ଯ୍ୟ । ତେଣୁ ପବିତ୍ର ଆବିର୍ଭାବୋତ୍ସବ (ଶରତ କାଳରେ) ମାନବ ମାତୃଶକ୍ତିର ଉପାସନା କରିବା ପୂର୍ବକ ସେହି ଶକ୍ତିରେ ଶକ୍ତିମନ୍ତ ହୋଇ ଜୀବନକୁ କର୍ମ ଚଞ୍ଚଳ ଓ ଆନନ୍ଦ ମୁଖର କରିବା ବିଧେୟ । ଏହା ଏ ଜଗତର ଏକ ପ୍ରଚଳିତ ଧାରା । କେଉଁ ପ୍ରାଚୀନ କାଳରୁ ଏ ଧାରା ପ୍ରତିଟି ପ୍ରାଣରେ ପ୍ରବଳ ବେଗଗାମୀ ସ୍ରୋତସ୍ୱିନୀ ସମ ପ୍ରବାହିତ ହେଉଛି । ଦେବୀ ନିଜେ କହିଛନ୍ତି ଯେ, ଶରତ କାଳରେ ଯେ ମୋର ବର୍ଷକୁ ଭକ୍ତିପୂତ ଭାବରେ ଆରାଧନା କରି ଶ୍ରଦ୍ଧାର ସହିତ ମୋର ମହାତ୍ମ୍ୟକୁ ଶ୍ରବଣ କରନ୍ତି, ସେମାନେ ମୋର ପ୍ରସାଦରୁ ସକଳ ବିଘ୍ନକୁ ଅତିକ୍ରମ ପୂର୍ବକ ଧନ୍ୟ, ଧାନ୍ୟ, ସ୍ତ୍ରୀ, ପୁତ୍ର ଇତ୍ୟାଦି ଲାଭ କରନ୍ତି । 'ଶରତ କାଳେ ମହାପୂଜା କ୍ରୟତେ ଯାଚ ବାର୍ଷିକୀ, ତସ୍ୟା ମମୈ ତନ୍ମାହାତ୍ମ୍ୟଂ ଶ୍ରୁତ୍ୱାଭକ୍ତି ସମନ୍ୱିତଃ । ସର୍ବବାଧା ବିନିର୍ମୁକ୍ତୋ ଧନ୍ୟଧାନ୍ୟ ସୁତନ୍ୱିତଃ, ମହଷ୍ୟୋ ମତ୍ ପ୍ରମାଦେନ ଭବିଷ୍ୟତିନ ସଂଶୟଃ ।'

ମାଳତୀ କୁଞ୍ଜ, ପ୍ଲଟ-ନଂ-୫୨୬ ଡି, ସେକ୍ଟର-୧୦, ସିଡ଼ିଏ, କଟକ, ମୋ- ୮୭୬୩୧୦୭୧୨୬



## ଏଲଇଟି ତାଲିମ୍ କେନ୍ଦ୍ରକୁ ଭାରତ ସୀମାରୁ ଅଫଗାନ୍ ସୀମାକୁ ନେଲା ପାକ୍

**ନୂଆଦିଲ୍ଲୀ, ୨୬।୯ :** ଭାରତକୁ ଡରିଗଲା ପାକିସ୍ତାନ! ପାକିସ୍ତାନର ଖାଇବର ପଖତୁନଖ୍ୱା ଅଞ୍ଚଳରେ ଏକ ନୂତନ ଲସ୍କର-ଏ-ତୈବା (ଏଲଇଟି) ତାଲିମ କେନ୍ଦ୍ର ନିର୍ମାଣ କରାଯାଉଛି । ଏହି ଖବର ସମଗ୍ର ଅଞ୍ଚଳର ସୁରକ୍ଷା ଦୃଷ୍ଟିରୁ ଚିନ୍ତାର ବିଷୟ ପାଲଟିଛି । ଏହି କେନ୍ଦ୍ର ସଂପୃକ୍ତ ଅଞ୍ଚଳରେ ଆତଙ୍କବାଦକୁ ପ୍ରୋତ୍ସାହିତ କରିପାରେ ବୋଲି ଅନୁମାନ କରାଯାଉଛି । ଏହି କେନ୍ଦ୍ରଟି ଲୋୟର ଡିର ଜିଲ୍ଲାର କୁମ୍ବନ ମୈଦାନ ଅଞ୍ଚଳରେ ନିର୍ମାଣ କରାଯାଉଛି । ତେବେ ଏହି କେନ୍ଦ୍ରଟି ଆଫଗାନ୍ ସୀମାରୁ ପ୍ରାୟ ୪୭ କିଲୋମିଟର୍ ଦୂରରେ ରହିଛି । ୪୬୪୩ ବର୍ଗଫୁଟ୍ ଅଞ୍ଚଳରେ ଏହି କେନ୍ଦ୍ର ନିର୍ମାଣ କରାଯାଉଛି । ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି କେନ୍ଦ୍ରଟି ଭାରତ ପକ୍ଷରୁ ହୋଇଥିବା 'ଅପରେସନ୍ ସିନ୍ଦୂର'ର ୨ ମାସ ପରେ ଜୁଲାଇ ମାସରେ ନିର୍ମାଣ ହୋଇଛି । ଏହି କାରଣରୁ ଚର୍ଚ୍ଚା ହେଉଛି ଯେ ଭାରତର 'ଅପରେସନ୍ ସିନ୍ଦୂର'କୁ ଭୟ କରି ପାକିସ୍ତାନ ଏଲଇଟିର ତାଲିମ କେନ୍ଦ୍ରକୁ ସ୍ଥାନାନ୍ତର କରିଦେଇଛି । ତେବେ ଡିସେମ୍ବର ମାସ ସୁଦ୍ଧା ଏହା ପୂରା ହୋଇଯିବ ବୋଲି ସୂଚନା ରହିଛି । ଭାରତ ପକ୍ଷରୁ ହୋଇଥିବା 'ଅପରେସନ୍ ସିନ୍ଦୂର'ରେ ଏଲ୍ଇଟିର ଅନେକ ଠିକଣା ଧ୍ୱଂଶବିଧ୍ୱସ୍ତ ହୋଇଯାଇଥିଲା । ସେହି କାରଣରୁ ବୋଧହୁଏ ପାକିସ୍ତାନ ସ୍ଥାନାନ୍ତର କରୁଛି ବୋଲି ଚର୍ଚ୍ଚା ହେଉଛି ।

## ଷ୍ଟକ ବଜାରରେ ବଡ଼ ଧରଣର ହ୍ରାସ

**ମୁମ୍ବାଇ, ୨୬।୯ :** ଭାରତ ବିରୋଧରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ ଯୁଦ୍ଧ ଯୋଗୁଁ ଭାରତୀୟ ଶିଳ୍ପ ଜଗତରେ ଆତଙ୍କ ଖେଳିଯାଇଛି । ଏହାର ପ୍ରଭାବ ଷ୍ଟକ ବଜାର ଉପରେ ମଧ୍ୟ ପଡ଼ିଛି । ଗତକାଲି ଆମେରିକା ସରକାର ବିଦେଶୀ ଔଷଧ ଉପରେ ୧୦୦% ଟାରିଫ ଲଗାଇବା ପରେ ଆଜି ତାହାର ପ୍ରଭାବରେ ଭାରତୀୟ ଷ୍ଟକ ବଜାରରେ ବଡ଼ ଧରଣର ହ୍ରାସ ପରିଲକ୍ଷିତ ହୋଇଛି । କ୍ରମାଗତଭାବେ ଗତ ୬ ଦିନ ଧରି ସେନସେକ୍ସ ଓ ନିଫଟିରେ ହ୍ରାସ ପରିଲକ୍ଷିତ ହୋଇଚାଲିଛି । ଶୁକ୍ରବାର ବନ୍ଦ ହେବା ସମୟରେ, ସେନସେକ୍ସ ୭୩୩.୨୨ ପଏଣ୍ଟ କିମ୍ବା ୦.୯୦ ପ୍ରତିଶତ ହ୍ରାସ ପାଇ ୮୦,୪୨୬.୪୬ ରେ ଏବଂ ନିଫ୍ଟି ୨୩୬.୧୫ ପଏଣ୍ଟ କିମ୍ବା ୦.୯୫ ପ୍ରତିଶତ ହ୍ରାସ ପାଇ ୨୪,୬୫୪.୭୦ ରେ ରହିଥିଲା । କ୍ରମାଗତ ହ୍ରାସ ଫଳରେ ଗତ ଏକ ସପ୍ତାହ ମଧ୍ୟରେ ନିବେଶକମାନେ ୧୬.୨୮ ଲକ୍ଷ କୋଟି ଟଙ୍କା ହରାଇଛନ୍ତି । ଗତ ସପ୍ତାହରେ ଟ୍ରମ୍ପ ପ୍ରଶାସନ ଏଚ-୧ବି ଭିସା ଉପରେ ଅତିରିକ୍ତ ଫି ବସାଇଥିଲା । ଏହାର ପ୍ରଭାବରେ ଆଇଟି ସେୟାର ଗୁଡ଼ିକରେ ହ୍ରାସ ପରିଲକ୍ଷିତ ହୋଇଥିଲା । ସେହିପରି ଗତକାଲି ଟ୍ରମ୍ପ ପ୍ରଶାସନ ପ୍ୟାଟେଣ୍ଟ ହୋଇଥିବା ଓ ବ୍ରାଣ୍ଡେଡ୍ ଔଷଧ ଉପରେ ୧୦୦% ଟାରିଫ ବସାଇଥିଲା । ଏହାର ପ୍ରଭାବରେ ଭାରତୀୟ ଫାର୍ମା କମ୍ପାନୀମାନଙ୍କ ସେୟାରରେ ବଡ଼ଧରଣର ହ୍ରାସ ଦେଖାଦେଇଛି । ତେବେ ବିଶେଷଜ୍ଞଙ୍କ ମତରେ ଏହି ଟାରିଫର ପ୍ରଭାବ ଜେନେରିକ୍ ମେଡିସିନ ଉପରେ ପଡୁନଥିବାରୁ ଭାରତୀୟ ଫାର୍ମା ଶିଳ୍ପ ଆଶ୍ୱସ୍ତ ହୋଇଛନ୍ତି । କାରଣ ଜେନେରିକ ମେଡିସିନ କ୍ଷେତ୍ରରେ ଭାରତ ହେଉଛି ଆମେରିକାର ଏକ ପ୍ରମୁଖ ରପ୍ତାନିକାରୀ ।

# ବିହାର ନିର୍ବାଚନ ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କ ଭେଟି

**ନୂଆଦିଲ୍ଲୀ, ୨୬।୯ :** ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ମହିଳାଙ୍କୁ ବଡ ଭେଟି ଦେଇଛନ୍ତି ପ୍ରଧାନମନ୍ତ୍ରୀ । ଭିଡିଓ କନଫରେନ୍ସିଂ ଜରିଆରେ 'ମୁଖ୍ୟମନ୍ତ୍ରୀ ମହିଳା ରୋଜଗାର ଯୋଜନା'ର ଶୁଭାରମ୍ଭ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ୭୫ ଲକ୍ଷ ମହିଳା ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ୧୦ ହଜାର ଲେଖାଏଁ ଟଙ୍କା ଟ୍ରାନ୍ସଫର କରିଛନ୍ତି । ମୋଟ ୭,୫୦୦ କୋଟି ଟଙ୍କା ଜମା ହୋଇଛି । ଆମେ ମହିଳାଙ୍କ ସେବା, ସମୃଦ୍ଧି ଓ ସ୍ୱାଭିମାନ ପାଇଁ ଆମେ କାମ କରୁଛୁ । ଏହି ଯୋଜନା ଦ୍ୱାରା ମହିଳାଙ୍କୁ ଆର୍ଥିକ ସଶକ୍ତିକରଣ ଏବଂ ରୋଜଗାରର ନୂଆ ଅବସର ମିଳିବ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ମୋଦି । ସେହିପରି ମୁଖ୍ୟମନ୍ତ୍ରୀ ନୀତିଶ କୁମାର ସମ୍ବୋଧନରେ କହିଛନ୍ତି, ମହିଳାଙ୍କ ପାଇଁ ବହୁତ କାମ ହେଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏ ନେଇ କାର୍ଯ୍ୟ କରୁଛନ୍ତି । 'ମୁଁ, ନୀତୀଶ ତୁମ ଭାଇ'- ସମ୍ବୋଧନରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଆଜି ବିହାର ମାଆ-ଭଉଣୀଙ୍କ ପାଇଁ ବଡ଼ ଦିନ । ଯେବେ ଜଣେ ମହିଳା ନିଜେ ରୋଜଗାର କରନ୍ତି ତେବେ ତାଙ୍କ ସ୍ୱପ୍ନକୁ ନୂଆ ଡେଣା ଲାଗିଥାଏ । ସମାଜରେ ତାଙ୍କ ସମ୍ମାନ ବଢିଯାଏ । ଯଦି ଆମେ ୧୧ ବର୍ଷ ପୂର୍ବେ ଜନଧନ ଯୋଜନାର ସଂକଳ୍ପ ନ ନେଇଥାନ୍ତୁ ତେବେ ଆଜି ଏତେ ଟଙ୍କା ବ୍ୟାଙ୍କ ଖାତାକୁ ପଠା ଯାଇପାରନଥାନ୍ତା । ଆଜି ମହିଳାଙ୍କୁ ଖାତାକୁ ଯାଇଥିବା ୧୦ ହଜାର ଟଙ୍କା ଗୋଟିଏ ଟଙ୍କା କେହି



ମାରିପାରିବେ ନାହିଁ । ଜଣେ ଭାଇକୁ ସେବେ ଖୁସି ମିଳେ ଯେବେ ଭଉଣୀ ଖୁସିରେ ରୁହେ, ରୋଜଗାକ୍ଷମ ହୁଏ, ଭଉଣୀର ପରିବାର ଆର୍ଥିକ ରୂପେ ସଶକ୍ତ ହୁଏ । ଆଜି ତୁମର ଦୁଇ ଭାଇ ନରେନ୍ଦ୍ର ନୀତିଶ ଏକାଠୀ ତୁମ ସେବା, ସମୃଦ୍ଧି ଓ ସ୍ୱାଭିମାନ ପାଇଁ ଲଗାତାର କାମ କରୁଛୁ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ମୋଦି । ସମ୍ବୋଧନରେ ବିରୋଧୀଙ୍କୁ ଟାର୍ଗେଟ କରିଛନ୍ତି ପ୍ରଧାନମନ୍ତ୍ରୀ । ଆରଜେଡି ଅଧୀନରେ ମହିଳାମାନେ ଆଇନହୀନତା ଏବଂ ଦୁର୍ନୀତିର ଶିକାର ହୋଇଥିଲେ ବୋଲି କହିଛନ୍ତି । ବିହାରରେ ଡବଲ-ଇଞ୍ଜିନ ସରକାର ମହିଳାଙ୍କ ସଶକ୍ତିକରଣ ପାଇଁ କାମ କରୁଛନ୍ତି । ରାଜ୍ୟରେ ଆରଜେଡି କ୍ଷମତାରେ ଥିବାବେଳେ ମହିଳା ବହୁ ସମସ୍ୟାରେ ସମ୍ମୁଖୀନ ହେଉଥିଲେ । ରାସ୍ତା ଥିଲା ନା ବ୍ରିଜ । ସମୟରେ ଗର୍ଭବତୀ ମହିଳା ଡାକ୍ତରଖାନାରେ ପହଞ୍ଚି ପାରୁନଥିଲେ । ଡବଲ-ଇଞ୍ଜିନ ସରକାର ଆସିବା ପରେ ବିହାରରେ ଯୋଗଯୋଗ ବଢିଛି । ମହିଳା ସଶକ୍ତ ହୋଇଛନ୍ତି । ଆରଜେଡି ଶାସନ ସମୟରେ ବିହାରରେ କୌଣସି ଘର ସୁରକ୍ଷିତ ନଥିଲା । ବିହାରରେ ଭୟ ଥିଲା । ଅରାଜକତା-ଆତଙ୍କବାଦ ମୁଣ୍ଡ ଟେକିଥିଲା ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ।

## ଭୋଟ ଚୋରି ନାରା ପରେ ରାହୁଲଙ୍କ ପେପର ଚୋରି ନାରା
## ଟାର୍ଗେଟରେ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ

**ନୂଆଦିଲ୍ଲୀ, ୨୬।୯ :** ଲୋକସଭାର ବିରୋଧୀଦଳ ନେତା ରାହୁଲ ଗାନ୍ଧୀଙ୍କ ଟାର୍ଗେଟରେ ଉତ୍ତରାଖଣ୍ଡର ବିଜେପିର ସରକାର । ଉତ୍ତରାଖଣ୍ଡରେ ଉତ୍ତରାଖଣ୍ଡ ଅଧିନସ୍ଥ ସେବା ଚୟନ ଆୟୋଗ ପରୀକ୍ଷାରେ ପେପର ଲିକକୁ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ ବିଜେପି ଓ ଧାମୀ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି । ସୋସିଆଲ ମିଡିଆ ପ୍ଲାଟଫର୍ମରେ ଏକ ପୋଷ୍ଟ କରି ବିଜେପି ସରକାର କେବଳ ଭୋଟ ଚୋର ନୁହେଁ ବରଂ ପେପର ଚୋର ବୋଲି ଲେଖିଛନ୍ତି । ସେ କହିଛନ୍ତି କେନ୍ଦ୍ର ଓ ବିଜେପି ଶାସିତ ରାଜ୍ୟଗୁଡିକରେ ଶାସନ ମୁଖ୍ୟମାନେ ଦେଶ ଓ ରାଜ୍ୟର ଯୁବକ ଯୁବତୀଙ୍କ ବେରୋଜଗାର ସମସ୍ୟା ପ୍ରତି ଆଖି ବୁଜି ଦେଇଛନ୍ତି । ସେମାନେ କେବଳ କ୍ଷମତା ପାଇଁ ରାଜନୀତି କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି । ଉତ୍ତରାଖଣ୍ଡ ଉତ୍ତରାଖଣ୍ଡ ଅଧିନସ୍ଥ ସେବା ଚୟନ ଆୟୋଗ ପରୀକ୍ଷାରେ ପେପର ଲିକକୁ ନେଇ ହଜାର ହଜାର ପରୀକ୍ଷାର୍ଥୀ ରାସ୍ତାରେ ଆନ୍ଦୋଳନ ଚଳାଇଛନ୍ତି । ଏହି ଆନ୍ଦୋଳନ ଦିନକୁ ଦିନ ଉଗ୍ର ରୂପ ନେଉଛି । ହେଲେ ଉତ୍ତରାଖଣ୍ଡ ସରକାର ଏନେଇ କୌଣସି ପଦକ୍ଷେପ ନେଉ ନଥିବା ଅଭିଯୋଗ ହେଉଛି । ଏହାକୁ ନେଇ ବିରୋଧୀଦଳମାନେ ଉତ୍ତରାଖଣ୍ଡ ସରକାରଙ୍କୁ କଡ଼ା ସମାଲୋଚନା କରିବାରେ ଲାଗିଛନ୍ତି ଯରାହୁଲ ଗାନ୍ଧୀ ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ କରିଥିବା ପୋଷ୍ଟରେ ଲେଖିଛନ୍ତି କି, ବିଜେପିର ଦ୍ୱିତୀୟ ନାମ ପେପର ଚୋର । ସାରା ଦେଶରେ ବାରମ୍ବାର ପେପର ଲିକ୍ ହେଉଥିବାରୁ କୋଟି କୋଟି ଚାକିରି ଆଶାୟୀଙ୍କ ଜୀବନ ଓ ସ୍ୱପ୍ନ ବରବାଦ ହେବାରେ ଲାଗିଛି । ଯୁବକ ଯୁବତୀମାନେ ଦିନ ରାତି ପରିଶ୍ରମ କରୁଥିବା ବେଳେ ବିଜେପି ସେମାନଙ୍କ ଶ୍ରମକୁ ଚୋରି କରି ସେମାନଙ୍କ ସ୍ୱପ୍ନ ଉପରେ ପାଣି ପକାଇ ଦେଉଛି ।

# ନାଟୋ ସଚିବଙ୍କୁ ଭାରତର କଡ଼ା ଜବାବ

**ନୂଆଦିଲ୍ଲୀ, ୨୬।୯ :** ନା ଡରିଛନ୍ତି ନା ପୁଟିନଙ୍କୁ କଲ୍ କରିଛନ୍ତି ମୋଦୀ । ନାଟୋ ସଚିବ ଜେନେରାଲ ମାର୍କ ରୁଟଙ୍କ ଦାବି ଉପରେ ଏଭଳି ପ୍ରତିକ୍ରିୟା ଦେଲା ଭାରତ । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲାଗୁ କରିଥିଲେ, ଯାହା ଦୁଇ ଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧି କରିଥିଲା । ଏହି ସମୟରେ ଆମେରିକା ନେତୃତ୍ୱରେ ଥିବା ୩୨ ରାଷ୍ଟ୍ର ବିଶିଷ୍ଟ ମେଣ୍ଟ ନାଟୋ ସଚିବ ଜେନେରାଲ ମାର୍କ ରୁଟ୍ ଦାବି କରିଥିଲେ ଯେ, ଟ୍ରମ୍ପଙ୍କ ଶୁଳ୍କ ରୁଷ ଉପରେ ନକାରାତ୍ମକ ପ୍ରଭାବ ପକାଉଛି ଏବଂ ଭାରତ ଏବେ ଫୋନ୍ କଲ୍ ମାଧ୍ୟମରେ ରୁଷ ସହିତ ଯୋଗାଯୋଗ କରୁଛି । ମାର୍କ ରୁଟ୍ ଏକ ସାକ୍ଷାତକାର ସମୟରେ ଏହି ଦାବି କରି କହିଥିଲେ, ଭାରତ ଉପରେ ଟ୍ରମ୍ପଙ୍କ ଶୁଳ୍କ ରୁଷ ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଉଛି । ଫୋନ୍ କଲ୍ ମାଧ୍ୟମରେ ନୂଆଦିଲ୍ଲୀ ପୁଟିନଙ୍କ ସହ ନିରନ୍ତର ଯୋଗାଯୋଗରେ ରହିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କୁ ୟୁକ୍ରେନ ଉପରେ ତାଙ୍କର ରଣନୀତି ସ୍ପଷ୍ଟ କରିବାକୁ ଅନୁରୋଧ କରୁଛନ୍ତି । କାରଣ ଶୁଳ୍କର ଛାଟ ଭାରତକୁ ମଧ୍ୟ ପ୍ରଭାବିତ କରୁଛି । ଏହା ଉପରେ ପ୍ରତିକ୍ରିୟା ଦେଇ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରାଳୟ ପକ୍ଷରୁ ଏକ ବିବୃତି ଜାରି କରାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ମଧ୍ୟରେ ହୋଇଥିବା ଫୋନ୍ ବାର୍ତ୍ତାଳାପ ସମ୍ପର୍କରେ ନାଟୋ ମହାସଚିବ ମାର୍କ ରୁଟ ଦେଇଥିବା ବିବୃତ୍ତି ଆମେ ଦେଖିଛୁ । ଏହି ବିବୃତି ତଥ୍ୟଗତ ଭାବରେ ଭୁଲ ଏବଂ ସମ୍ପୂର୍ଣ୍ଣ ଭିତ୍ତିହୀନ । ପ୍ରଧାନମନ୍ତ୍ରୀ ମୋଦୀ ଶୁଳ୍କ ଲାଗିବା ଡରରେ ରାଷ୍ଟ୍ରପତି ପୁଟିନଙ୍କ ସହ କଥା ହୋଇନାହାଁନ୍ତି । ଏପରି କିଛି ଘଟିନାହିଁ ।

# ମଦ୍ରାସାର ଶୌଚାଳୟରେ ବନ୍ଦ ଥିଲେ ୪୦ ନାବାଳିକା, ପୁଲିସର ଚଢାଉ

**ନୂଆଦିଲ୍ଲୀ, ୨୬।୯ :** ଉତ୍ତର ପ୍ରଦେଶର ବହରାଇଚ ଜିଲ୍ଲାରୁ ସାମ୍ନାକୁ ଆସିଛି ଅଭାବନୀୟ ଘଟଣା । ଶୌଚାଳୟରେ ଲୁଚି ରହିଥିବା ୪୦ ଜଣ ନାବାଳିକା ଉଦ୍ଧାର କଲା ପୁଲିସ । ମଦ୍ରାସାରେ ଛାନଭିନ୍ ସମୟରେ ପାୟାଗପୁର ତହସିଲର ପହଲୱାରା ଗାଁରେ ଅବସ୍ଥିତ ଏକ ତିନି ମହଲାର ଶୌଚାଳୟରେ ୪୦ ଜଣ ନାବାଳିକା ବନ୍ଦ ଥିଲେ । ସେମାନଙ୍କ ବୟସ ୯ ରୁ ୧୪ ବର୍ଷ ମଧ୍ୟରେ ବୋଲି ଜଣାପଡ଼ିଛି । ରିପୋର୍ଟ ଅନୁଯାୟୀ, ଏସଡିଏମ୍ ଅଶ୍ୱିନୀ କୁମାର ପାଣ୍ଡେ କହିଛନ୍ତି ଯେ, ଜିଲ୍ଲାରେ ବେଆଇନ ମଦ୍ରାସାଗୁଡ଼ିକ ଚାଲିଥିବା ସମ୍ପର୍କରେ ବାରମ୍ବାର ଅଭିଯୋଗ ଆସୁଥିଲା । ଯେତେବେଳେ ପୁଲିସ ଚଢାଉ କରିଥିଲା, ସେତେବେଳେ ମଦ୍ରାସା ପରିଚାଳକମାନେ ସେମାନଙ୍କୁ ଉପର ମହଲାକୁ ଯିବାରୁ ବାରଣ କରିବାକୁ ଚେଷ୍ଟା କରିଥିଲେ । ମହିଳା ପୁଲିସ ଅଧିକାରୀଙ୍କ ଉପସ୍ଥିତିରେ ଯେତେବେଳେ ଛାତ ଶୌଚାଳୟର ଦ୍ୱାର ଖୋଲାଗଲା, ସେତେବେଳେ ୪୦ଜଣ ନାବାଳିକା ଭୟଭୀତ ହୋଇ ଗୋଟିଏ ପରେ ଗୋଟିଏ ବାହାରକୁ ଆସିଲେ । ତଦନ୍ତ ସମୟରେ, ପରିଚାଳକ ଏବଂ ଶିକ୍ଷକମାନଙ୍କୁ ପଞ୍ଜୀକରଣ କାଗଜପତ୍ର ମାଗିଥିଲେ, କିନ୍ତୁ କୌଣସି କାଗଜପତ୍ର ପ୍ରଦାନ କରାଯାଇ ନଥିଲା । ଜିଲ୍ଲା ସଂଖ୍ୟାଲଘୁ କଲ୍ୟାଣ ଅଧିକାରୀ ମହମ୍ମଦ ଖାଲିଦ କହିଛନ୍ତି ଯେ ସ୍ଥାନୀୟ ଲୋକମାନେ ସେମାନଙ୍କୁ ଜଣାଇଥିଲେ ଯେ ମଦ୍ରାସାଟି ପ୍ରାୟ ତିନି ବର୍ଷ ଧରି ଚାଲୁଥିଲା କିନ୍ତୁ ପଞ୍ଜୀକୃତ ହୋଇନଥିଲା । ୨୦୨୩ ସର୍ଭେ ରିପୋର୍ଟରେ ଜିଲ୍ଲାରେ ୪୯୫ଟି ଅବୈଧ ମଦ୍ରାସା ଚିହ୍ନଟ କରାଯାଇଥିଲା, କିନ୍ତୁ ଏହି କାଗଜପତ୍ରକୁ ବାଦ ଦିଆଯାଇଥିଲା । ପଚରାଉଚରା ସମୟରେ ଯେତେବେଳେ ପ୍ରଶ୍ନ ଉଠିଲା ଯେ ୮ଟି କୋଠରୀ ଥିବା ସତ୍ତ୍ୱେ ଛାତ୍ରମାନେ ଶୌଚାଳୟରେ କାହିଁକି ଲୁଚି ରହିଥିଲେ, ଶିକ୍ଷୟିତ୍ରୀ ତକସୀମ ଫାତିମା ସ୍ପଷ୍ଟ କରିଥିଲେ ଯେ ଚଢାଉ ସମୟରେ ସୃଷ୍ଟି ହୋଇଥିବା ବିଶୃଙ୍ଖଳା ଯୋଗୁଁ ପିଲାମାନେ ଭୟଭୀତ ହୋଇ ନିଜକୁ ଶୌଚାଳୟରେ ବନ୍ଦ କରିଦେଇଥିଲେ । ତେବେ ପ୍ରଶାସନ ବର୍ତ୍ତମାନ ପ୍ରତିଷ୍ଠାନକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛି, ଏବଂ ନାବାଳିକାମାନଙ୍କୁ ସୁରକ୍ଷିତ ଭାବରେ ଘରକୁ ପଠାଇ ଦିଆଯାଇଛି । ଖାଲିଦ କହିଛନ୍ତି ଯେ ମଦ୍ରାସାର କାଗଜପତ୍ର ଯାଞ୍ଚ ଚାଲିଛି । ସେପଟେ ଅତିରିକ୍ତ ପୁଲିସ ଅଧୀକ୍ଷକ ରାମାନନ୍ଦ ପ୍ରସାଦ କୁଶୱାହା କହିଛନ୍ତି ଯେ, ଏହି ମାମଲାରେ ଏପର୍ଯ୍ୟନ୍ତ କୌଣସି ମାମଲା ରୁଜୁ ହୋଇନାହିଁ । ପରିବାର, ଏସଡିଏମ୍ କିମ୍ବା ସଂଖ୍ୟାଲଘୁ କଲ୍ୟାଣ ଅଧିକାରୀ ଅଭିଯୋଗ ଦାଖଲ କଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

# ନେପାଳରେ ଆତଙ୍କୀ ନେଟ୍ୱର୍କ

**ନୂଆଦିଲ୍ଲୀ, ୨୬।୯ :** ନେପାଳରେ ଜେନ-ଜିଙ୍କ ଆନ୍ଦୋଳନ ପରେ ଅସ୍ଥିର ସ୍ଥିତି । ଏହାର ଫାଇଦା ଉଠାଉଛନ୍ତି ଆତଙ୍କୀ ସଙ୍ଗଠନ । ଏବେ ଲସ୍କର-ଏ-ତୋଇବା ଓ ଜୈଶ-ଏ-ମହମ୍ମଦ ନେପାଳରେ ଆକ୍ଟିଭ୍ । ପାକିସ୍ତାନ ଦେଇ ନେପାଳରେ ପଶୁଛନ୍ତି ଆତଙ୍କବାଦୀ । ଭାରତ ପାଇଁ ବଢିଲା ଟେନସନ୍ । ଏହି ଖବର ମିଳିବା ପରେ ଏବେ ନେପାଳ ସରକାର ହାଇ ଆଲର୍ଟ ଜାରି କରିଛନ୍ତି । ସୀମାରେ ସୁରକ୍ଷା ବାହିନୀଙ୍କୁ କଡ଼ା ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ନେପାଳରେ ଆତଙ୍କୀ ସଙ୍ଗଠନ ଗୁଡ଼ିକର ସ୍ଲିପର୍ ସେଲ୍ କାର୍ଯ୍ୟ କରୁଥିବା ଅନୁମାନ କରାଯାଉଛି । କାଠମାଣ୍ଡୁ ସ୍ଥିତ ପାକିସ୍ତାନୀ ଦୂତାବାସରୁ ଏମାନଙ୍କୁ ସହଯୋଗ ମିଳୁଛିଯ ଖାଲି ସେତିକି ନୁହେଁ ଏହି ଦୁଇ ଆତଙ୍କୀ ସଙ୍ଗଠନକୁ 'ଇସଲାମୀ ସଙ୍ଘ ଅଫ୍ ନେପାଳ' ଏବଂ 'ୱାର୍କ ଫର୍ ନେପାଳ' ଭଳି ସଙ୍ଗଠନରୁ ଫଣ୍ଡିଂ ମିଳୁଛି । ଆତଙ୍କବାଦୀଙ୍କୁ ସୁରକ୍ଷିତ ଆଶ୍ରୟସ୍ଥଳୀ ଯୋଗାଇ ଦିଆଯାଉଛି । ଆଇବିର ପୂର୍ବତନ ଅଧିକାରୀ ସନ୍ତୋଷ ସିଂଙ୍କ କହିବା ଅନୁଯାୟୀ, ନେପାଳରେ ଗତ ଫେବୃଆରୀ ମାସରୁ ଆତଙ୍କୀ ଷଡ଼ଯନ୍ତ୍ର ପାଇଁ ପୃଷ୍ଠଭୂମି ତିଆରି କରାଯାଉଛି । ଫେବୃଆରୀ ୮-୯ ତାରିଖରୁ ନେପାଳର ସୁନସାରୀରେ ISN ଦ୍ୱାରା ଆୟୋଜିତ ଏକ ସମାବେଶରେ ପାକିସ୍ତାନୀ ଏବଂ ବାଂଲାଦେଶୀ ସନ୍ଦିଗ୍ଧ ବ୍ୟକ୍ତିମାନେ ଏକାଠି ହୋଇଥିଲେ । ଏବେ ଜେନ-ଜି ଆନ୍ଦୋଳନର ସୁଯୋଗ ନେଇ ସୀମା ପାର ହୋଇ ଅନୁପ୍ରବେଶ କରୁଛନ୍ତି । ନେପାଳ କଂଗ୍ରେସର ପୂର୍ବତନ ସାଂସଦ ଅଭିଷେକ ପ୍ରତାପ ଶାହ ଏନେଇ ଚିନ୍ତାବ୍ୟକ୍ତ କରିଛନ୍ତି । ଭାରତ-ନେପାଳ ମଧ୍ୟରେ ଥିବା ୧୭୫୧ କିଲୋମିଟରର ସୀମା ବଡ଼ ଚ୍ୟାଲେଞ୍ଜ୍ ପାଲଟିବ ବୋଲି କହିଛନ୍ତି ।

# ଭରଣପୋଷଣ ନ ଦେଲେ ବାପାଙ୍କ ସମ୍ପତ୍ତି ଫେରାଇବେ ପୁଅ

**ନୂଆଦିଲ୍ଲୀ, ୨୬।୯ :** ଏବେ ବାପାଙ୍କ ସମ୍ପତ୍ତି ଫେରାଇବାକୁ ପୁଅ ବାଧ୍ୟ । ବାପା, ମା' ଭରଣପୋଷଣରେ ଦାୟିତ୍ୱରେ ଉଲଙ୍ଘନ ହେଲେ ସନ୍ତାନଙ୍କୁ ସମ୍ପତ୍ତିରୁ ବହିଷ୍କାର କରିବାକୁ କୋର୍ଟଙ୍କର ପୂର୍ଣ୍ଣ ଅଧିକାର ଅଛି । ସୁପ୍ରିମକୋର୍ଟ ଜଣେ ୮୦ ବର୍ଷୀୟ ବୃଦ୍ଧଙ୍କୁ ଆଶ୍ୱସ୍ତି ପ୍ରଦାନ କରିଛନ୍ତି । ତାଙ୍କ ପୁଅକୁ ବାପାଙ୍କ ସମ୍ପତ୍ତି ଖାଲି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବିଚାରପତି ବିକ୍ରମ ନାଥ ଏବଂ ବିଚାରପତି ସନ୍ଦୀପ ମେହେଟ୍ଟାଙ୍କ ଖଣ୍ଡପୀଠ ବୃଦ୍ଧ ବ୍ୟକ୍ତିଙ୍କ ଆବେଦନ ଉପରେ ଏପ୍ରିଲରେ ହୋଇଥିବା ବମ୍ବେ ହାଇକୋର୍ଟର ନିଷ୍ପତ୍ତିକୁ ଖାରଜ କରିଛନ୍ତି । ଯେଉଁଥିରେ ପୁଅକୁ ତାଙ୍କ ବାପାଙ୍କ ସମ୍ପତ୍ତି ଫେରାଇ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ସୁପ୍ରିମକୋର୍ଟ ତାଙ୍କ ଆଦେଶରେ କହିଛନ୍ତି ଯେ, ବାପା-ମା' ଏବଂ ବରିଷ୍ଠ ନାଗରିକଙ୍କ ଭରଣପୋଷଣ ଏବଂ କଲ୍ୟାଣ ଆଇନ, ୨୦୦୭ରେ ଅନୁଯାୟୀ, ବୟସ୍କ ଲୋକଙ୍କ ଭରଣପୋଷଣ ପାଇଁ ଦାୟିତ୍ୱ ଉଲ୍ଲଂଘନ ହେଲେ ଟ୍ରିବୁନାଲ କୋର୍ଟଙ୍କୁ ବରିଷ୍ଠ ନାଗରିକଙ୍କ ସମ୍ପତ୍ତିରୁ ସନ୍ତାନ କିମ୍ବା ସମ୍ପର୍କୀୟଙ୍କୁ



ବହିଷ୍କାର କରିବାକୁ ନିର୍ଦ୍ଦେଶ ଦେବାର ଅଧିକାର ଅଛି । ୨୦୦୭ ଆଇନକୁ ଅଧିନରେ ସୁପ୍ରିମକୋର୍ଟ କହିଛନ୍ତି ଯେ, ଏହି ଆଇନଟି ବୟସ୍କ ବ୍ୟକ୍ତିଙ୍କ ଦୁଃଖଦୁର୍ଦ୍ଦଶା ଦୂର କରିବା ଏବଂ ସେମାନଙ୍କର ଯତ୍ନ ଓ ସୁରକ୍ଷା ଯୋଗାଇବା ପାଇଁ ପ୍ରଣୟନ କରାଯାଇଥିଲା । କୋର୍ଟ କହିଛନ୍ତି, ଯଦି ଜଣେ ବରିଷ୍ଠ ନାଗରିକଙ୍କୁ ଭରଣପୋଷଣ କରିବାର ଦାୟିତ୍ୱ ଉଲ୍ଲଂଘନ ହୁଏ, ତେବେ ଟ୍ରିବ୍ୟୁନାଲ୍ କୋର୍ଟ ବରିଷ୍ଠ ନାଗରିକଙ୍କ ସମ୍ପତ୍ତିରୁ ସନ୍ତାନ କିମ୍ବା ସମ୍ପର୍କୀୟଙ୍କୁ ବହିଷ୍କାର କରିବାକୁ ନିର୍ଦ୍ଦେଶ ଦେବାର ପୂର୍ଣ୍ଣ ଅଧିକାର ରଖିଛି । ସୁପ୍ରିମକୋର୍ଟଙ୍କ ସେପ୍ଟେମ୍ବର ୧୨ ଆଦେଶରେ କୁହାଯାଇଛି ଯେ, ଆର୍ଥିକ ଦୃଷ୍ଟିରୁ ସଶକ୍ତ ହେବା ସତ୍ତ୍ୱେ ପୁଅ ତାଙ୍କ ବାପାଙ୍କୁ ନିଜ ସମ୍ପତ୍ତିରେ ରହିବାକୁ ଅନୁମତି ନ ଦେଇ ବୈଧାନିକ ଦାୟିତ୍ୱ ଉଲ୍ଲଂଘନ କରିଛନ୍ତି । କୋର୍ଟ ଉଲ୍ଲେଖ କରିଛନ୍ତି ଯେ, ଆବେଦନକାରୀଙ୍କ ବୟସ ପ୍ରାୟ ୮୦ ବର୍ଷ, ତାଙ୍କ ସ୍ତ୍ରୀଙ୍କ ବୟସ ୭୮ ଏବଂ ସେମାନଙ୍କର ତିନୋଟି ସନ୍ତାନ ଅଛନ୍ତି । ତାଙ୍କ ବଡ଼ ପୁଅ ଜଣେ ବ୍ୟବସାୟୀ । କୋର୍ଟ ଉଲ୍ଲେଖ କରିଛନ୍ତି ଯେ, ଆବେଦନକାରୀ ମୁମ୍ବାଇରେ ଦୁଇଟି ସମ୍ପତ୍ତି କିଣିଛନ୍ତି । ସେ ପିଲାଙ୍କ ପାଖରେ ତାଙ୍କ ସମ୍ପତ୍ତି ଛାଡ଼ି ସ୍ତ୍ରୀଙ୍କ ସହିତ ଉତ୍ତରପ୍ରଦେଶରେ ରହୁଛନ୍ତି । ଖଣ୍ଡପୀଠ ଆହୁରି ଉଲ୍ଲେଖ କରିଛନ୍ତି ଯେ, ବଡ଼ ପୁଅ ସମ୍ପତ୍ତିଗୁଡ଼ିକୁ ଦଖଲ କରିନେଇଛି ଏବଂ ସେଠାରେ ତାଙ୍କ ବାପାଙ୍କୁ ରହିବାକୁ ଅନୁମତି ଦେଉନାହିଁ । ଆବେଦନକାରୀ ଏବଂ ତାଙ୍କ ସ୍ତ୍ରୀ ଜୁଲାଇ ୨୦୨୩ରେ ସମ୍ପତ୍ତିରୁ ଭରଣପୋଷଣ ଏବଂ ଜବରଦଖଲ ପାଇଁ ଏକ ଆବେଦନ ଦାଖଲ କରିଥିଲେ । ଗତ ବର୍ଷ ଜୁନ୍ ମାସରେ, ଟ୍ରିବ୍ୟୁନାଲ୍ କୋର୍ଟ ପୁଅକୁ ଉଭୟ ଘରର ମାଲିକାନା ତାଙ୍କ ବାପାଙ୍କୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଟ୍ରିବ୍ୟୁନାଲ୍ କୋର୍ଟ ତାଙ୍କୁ ତାଙ୍କର ବୃଦ୍ଧ ବାପା-ମା'ଙ୍କୁ ମାସିକ ୩ ହଜାର ଟଙ୍କା ଭରଣପୋଷଣ ଦେବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ ।

# ଗିରଫ ହେଲେ ସୋନମ୍ ୱାଙ୍ଗଚୁକ୍

**ନୂଆଦିଲ୍ଲୀ, ୨୬।୯ :** ଗିରଫ ହେଲେ ସାମାଜିକ କର୍ମୀ ସୋନମ ୱାଙ୍ଗଚୁକ୍ । ଲଦାଖରେ ଉତ୍ତେଜନା ମଧ୍ୟରେ ଶୁକ୍ରବାର ଦିନ ଲେହ ପୁଲିସ ତାଙ୍କୁ ଗିରଫ କରିଛି । ବୁଧବାର ଲଦାଖରେ ହୋଇଥିବା ହିଂସାତ୍ମକ ପ୍ରତିବାଦରେ ଅତି କମରେ ଚାରି ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ୯୦ରୁ ଅଧିକ ଆହତ ହୋଇଥିଲେ । ଲେହ ଆପେକ୍ସ ବଡି ଏବଂ କାର୍ଗିଲ ଡେମୋକ୍ରାଟିକ୍ ଆଲାଏନ୍ସ ସହିତ ୱାଙ୍ଗଚୁକ୍ ପ୍ରତିବାଦ ଆରମ୍ଭ କରିଥିଲେ । ପ୍ରଦର୍ଶନକାରୀମାନେ ରାଜ୍ୟ ମାନ୍ୟତା ଏବଂ ଲଦାଖକୁ ସମ୍ବିଧାନର ଷଷ୍ଠ ଅନୁସୂଚୀରେ ଅନ୍ତର୍ଭୁକ୍ତ କରିବା ପାଇଁ ଦାବି କରି ବିରୋଧ ପ୍ରଦର୍ଶନ କରିଥିଲେ । ଏହି ହିଂସା ପାଇଁ ସୋନମ ୱାଙ୍ଗଚୁକଙ୍କୁ ଦାୟୀ କରିଥିଲେ କେନ୍ଦ୍ର ସରକାର । ଦାବି ପୂରଣ ପାଇଁ ଚାପ ପକାଇବାକୁ ୱାଙ୍ଗଚୁକ୍ ସେପ୍ଟେମ୍ବର ୧୦, ୨୦୨୫ରେ ଅନଶନ ମଧ୍ୟ ଆରମ୍ଭ



କରିଥିଲେ, ଏବଂ ବୃଦ୍ଧି ପାଉଥିବା ହିଂସା ଉପରେ ଚିନ୍ତା ପ୍ରକାଶ କରି ସେପ୍ଟେମ୍ବର ୨୪ରେ ଏହାକୁ ସମାପ୍ତ କରିଥିଲେ । ଏହା ପୂର୍ବରୁ ସୋନମ୍ ୱାଙ୍ଗଚୁକ୍ ଓ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଏକ ଅନୁଷ୍ଠାନ ଦ୍ୱାରା ବିଦେଶୀ ପାଣ୍ଠି ଆଇନର ବ୍ୟାପକ ଉଲ୍ଲଂଘନ ଅଭିଯୋଗ ହୋଇଥିଲା । ଏହା ପରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ତଦନ୍ତ ତ୍ୱରାନ୍ୱିତ କରି ଗୁରୁବାର ସୋନମ ୱାଙ୍ଗଚୁକ୍ଙ୍କ ସଂଗଠନର ଏଫ୍ସିଆରଏ (ବିଦେଶୀ ଅନୁଦାନ ନିୟନ୍ତ୍ରଣ ଅଧିନିୟମ) ଲାଇସେନ୍ସ ରଦ୍ଦ କରିଥିଲା । ପୂର୍ବରୁ ୨୦ ଅଗଷ୍ଟ ୨୦୨୫ରେ ତାଙ୍କୁ ଏକ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଥିଲା ଏବଂ ସେପ୍ଟେମ୍ବର ୧୦ରେ ଇ-ମେଲ ମାଧ୍ୟମରେ ଉତ୍ତର ମଗାଯାଇଥିଲା । କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାର ଅନୁସନ୍ଧାନରୁ ଜଣାପଡ଼ିଥିଲା ଯେ, ୱାଙ୍ଗଚୁକ୍ ଏବଂ ତାଙ୍କ ସଂସ୍ଥା ସହ ଜଡ଼ିତ ଅନେକ ବ୍ୟାଙ୍କ ଆକାଉଣ୍ଟକୁ ଗୁପ୍ତ ରଖାଯାଇଛି । ୭ଟି ଏଚ୍ଆଇଏଏଲ୍ ଆକାଉଣ୍ଟ ମଧ୍ୟରୁ ୪ଟି ଘୋଷଣା କରାଯାଇ ନାହିଁ । ଗତ ବର୍ଷ ୬ କୋଟି ଟଙ୍କାର ଦାନ ମିଳିଥିବା ବେଳେ ଏଥର ତାହା ୧୫ କୋଟିରେ ପହଞ୍ଚିଛି । ଏଥିମଧ୍ୟରୁ ୧.୫ କୋଟିରୁ ଅଧିକ ବିଦେଶୀ ଅର୍ଥ ଏଫ୍ସିଆରଏ ପଞ୍ଜୀକରଣ ବିନା ଆସିଛି ।

## 'ବ୍ଲାକ ବୋର୍ଡ'ଚିହ୍ନରେ ନିର୍ବାଚନ ଲଢ଼ିବେ ତେଜପ୍ରତାପ

**ନୂଆଦିଲ୍ଲୀ, ୨୬।୯ :** ରାଷ୍ଟ୍ରୀୟ ଜନତା ଦଳର ପୂର୍ବତନ ନେତା ଏବଂ ଲାଲୁ ପ୍ରସାଦ ଯାଦବଙ୍କ ବଡ଼ ପୁଅ ତେଜ ପ୍ରତାପ ଯାଦବ ଏକ ନୂତନ ଦଳ ଗଠନ କରିଛନ୍ତି ଏବଂ ବିହାର ବିଧାନସଭା ନିର୍ବାଚନ ପାଇଁ ନିର୍ବାଚନ ମଇଦାନରେ ପ୍ରବେଶ କରିଛନ୍ତି । ତେଜ ପ୍ରତାପ ଯାଦବଙ୍କ ନୂତନ ଦଳର ନାମ 'ଜନଶକ୍ତି ଜନତା ଦଳ' ଏବଂ ଏହାର ନିର୍ବାଚନ ଚିହ୍ନ ହେଉଛି 'ବ୍ଲାକ ବୋର୍ଡ' ବା କଳାପଟା । ତେଜ ପ୍ରତାପ ଯାଦବ ତାଙ୍କ ଏକ୍ସ ହ୍ୟାଣ୍ଡେଲରୁ ଦଳର ପୋଷ୍ଟର ମଧ୍ୟ ସେୟାର କରିଛନ୍ତି । ତେଜ ପ୍ରତାପ ଯାଦବ ତାଙ୍କ ଅଫିସିଆଲ୍ ଏକ୍ସ ହ୍ୟାଣ୍ଡେଲରେ ଲେଖିଛନ୍ତି, ଆମେ ବିହାରର ସାମଗ୍ରିକ ବିକାଶ ପାଇଁ ସମ୍ପୂର୍ଣ୍ଣ ସମର୍ପିତ ଏବଂ ପ୍ରସ୍ତୁତ । ଆମର ଲକ୍ଷ୍ୟ ହେଉଛି ବିହାରରେ ଏକ ସମ୍ପୂର୍ଣ୍ଣ ପରିବର୍ତ୍ତନ ଆଣିବା ଏବଂ ଏକ ନୂତନ ବ୍ୟବସ୍ଥା ସୃଷ୍ଟି କରିବା । ଆମେ ବିହାରର ସାମଗ୍ରିକ ବିକାଶ ପାଇଁ ଏକ ଲମ୍ବା ଲଢେଇ କରିବାକୁ ପ୍ରସ୍ତୁତ । ତେଜ ପ୍ରତାପ ଯାଦବ ତାଙ୍କ ଦ୍ୱାରା ଲଞ୍ଚ କରାଯାଇଥିବା ଦଳର ପୋଷ୍ଟରରେ ପାଞ୍ଚ ଜଣ ମହାପୁରୁଷ ଏବଂ ନେତାଙ୍କୁ ସାମିଲ କରିଛନ୍ତି । ପୋଷ୍ଟରରେ ମହାତ୍ମା ଗାନ୍ଧୀ, ବି.ଆର. ଆମ୍ବେଦକର, ରାମ ମନୋହର ଲୋହିଆ, ଜୟ ପ୍ରକାଶ ନାରାୟଣ ଏବଂ କର୍ପୁରୀ ଠାକୁରଙ୍କୁ ସ୍ଥାନ ଦିଆଯାଇଛି । ଏହା ମଧ୍ୟ ଉଲ୍ଲେଖନୀୟ ଯେ ତେଜ ପ୍ରତାପ ଏହି ପୋଷ୍ଟରରେ ତାଙ୍କ ପିତା ଲାଲୁ ପ୍ରସାଦ ଯାଦବଙ୍କୁ ସ୍ଥାନ ଦେଇନାହାଁନ୍ତି ।

# ଭାରତୀୟ ବାୟୁ ସେନାରୁ ବିଦାୟ ନେବ ମିଗ୍-୨୧

**ହାଇଦ୍ରାବାଦ, ୨୬।୯ :** ଗୋଟିଏ ଯୁଗର ଅବସାନ ହେବ । ଆଜି ଭାରତୀୟ ବାୟୁ ସେନାକୁ ମିଗ୍-୨୧ ବିମାନ ଅଲବିଦା କହିବ । ଏହା ନିଜର ୬୨ ବର୍ଷର ସେବା ସମୟରେ ୧୯୭୧ ଯୁଦ୍ଧ, କାର୍ଗିଲ ଏବଂ ଅନେକ ବଡ଼ ମିଶନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା । ୬ ଦଶକ ପରେ ଚଣ୍ଡିଗଡ ଏୟାର ବେସରେ ଅବସର ନେବ ଘାତକ ଯୁଦ୍ଧବିମାନ । ଭବ୍ୟ ବିଦାୟ ଦେବାକୁ ଏଥିପାଇଁ ପ୍ରସ୍ତୁତିକୁ ଜୋରଦାର କରାଯାଇଛି । ଭାରତୀୟ ବାୟୁ ସେନାର ପରାକ୍ରମର ପ୍ରତୀକ ଥିଲା ମିଗ୍-୨୧ । ଏହି ଯୁଦ୍ଧ ବିମାନ ପାଇଁ ସେନା ସବୁବେଳେ ଶତ୍ରୁପକ୍ଷକୁ ମାତ ଦେବାରରେ ସଫଳ ହୋଇଛି । ୧୯୬୫ ଭାରତ-ପାକିସ୍ତାନରୁ ଯୁଦ୍ଧରୁ ଅପରେସନ ସିନ୍ଦୂର ପର୍ଯ୍ୟନ୍ତ ସବୁଠି ପରାକ୍ରମ ଦେଖାଇଛି ଏହି ବିମାନ । ଏବେ ଶେଷଥର ପାଇଁ ଉଡାଣ ଭରିବ ମିଗ୍-୨୧ । ମାର୍କ-୧ଏ ଯୁଦ୍ଧ ବିମାନ ବାୟୁସେନାର ମିଗ୍-୨୧ ବିମାନର ସ୍ଥାନ ନେବ । ଏହାକୁ ପାକିସ୍ତାନ ସୀମା ନିକଟରେ ରାଜସ୍ଥାନର ବିକାନେରସ୍ଥିତ ନାଲ୍ ଏୟାରବେସ୍ରେ ମୁତୟନ କରାଯାଇପାରେ । ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍ (ହାଲ୍) ଭାରତୀୟ ବାୟୁସେନା



ପାଇଁ ୯୭ଟି ମାର୍କ-୧ଏ ଲାଇଟ୍ କମ୍ବାଟ୍ ଏୟାରକ୍ରାଫ୍ଟ (ତେଜସ୍ ଯୁଦ୍ଧ ବିମାନ) ନିର୍ମାଣ କରିବ । ଏଥିପାଇଁ ସଂସ୍ଥା ସହ କେନ୍ଦ୍ର ସରକାର ଗୁରୁବାର ୬୨,୩୭୦ କୋଟି ଟଙ୍କାର ଚୁକ୍ତି ସ୍ୱାକ୍ଷର କରିଛନ୍ତି । ହାଲ୍କୁ ତେଜସ୍ ଯୁଦ୍ଧ ବିମାନ ଉତ୍ପାଦନ ଲାଗି ଦ୍ୱିତୀୟ ଅର୍ଡର ମିଳିଛି । ଏହା ପୂର୍ବରୁ ୨୦୨୧ ଫେବ୍ରୁଆରୀରେ କମ୍ପାନୀ ସହିତ ୪୬,୮୯୮ କୋଟି ଟଙ୍କାର ଚୁକ୍ତି ହୋଇଥିଲା । ସେତେବେଳେ ଏହାକୁ ୮୩ଟି ମାର୍କ-୧ଏର ଅର୍ଡର ମିଳିଥିଲା । ଏହାର ଯୋଗାଣ ପାଇଁ କମ୍ପାନି ନିକଟରେ ୨୦୨୮ ପର୍ଯ୍ୟନ୍ତ ସମୟ ରହିଛି । ମାର୍କ-୧ଏ ଯୁଦ୍ଧ ବିମାନ ବାୟୁସେନାର ମିଗ୍-୨୧ ବିମାନର ସ୍ଥାନ ନେବ । ଏହାକୁ ପାକିସ୍ତାନ ସୀମା ନିକଟରେ ରାଜସ୍ଥାନର ବିକାନେରସ୍ଥିତ ନାଲ୍ ଏୟାରବେସରେ ମୁତୟନ କରାଯାଇପାରେ । କେନ୍ଦ୍ର ସରକାର ଅଗଷ୍ଟ ୧୯ରେ ୯୭ ତେଜସ୍ ଯୁଦ୍ଧ ବିମାନ କିଣିବା ଲାଗି ୬୨ ହଜାର କୋଟି ଟଙ୍କାର ପ୍ରକଳ୍ପକୁ ସବୁଜ ସଙ୍କେତ ଦେଇଥିଲେ । ପ୍ରତିରକ୍ଷା ମନ୍ତ୍ରଣାଳୟ କହିଥିଲା, ଏହି ବିମାନରେ ସ୍ୱୟଂ କବଚ ଓ କଣ୍ଟ୍ରୋଲ୍ ଆକ୍ଟୁଏଟର ରହିବ, ଯେଉଁଥିରେ ୬୭ ନୂଆ ସ୍ୱଦେଶୀ ସାମଗ୍ରୀ ବ୍ୟବହୃତ ହେବ । ମାର୍କ ୧ଏ, ସିଙ୍ଗଲ ଇଞ୍ଜିନ ବିଶିଷ୍ଟ ତେଜସ୍ ବିମାନର ବିକଶିତ ଭର୍ସନ । ଏଥିରେ ଅପ୍ଗ୍ରେଡେଡ୍ ଏଭିଓନିକ୍ସ ଏବଂ ରାଡାର ସିଷ୍ଟମ୍ ଖଞ୍ଜାଯାଇଛି । ତେଜସ୍ ମାର୍କ-୧ଏର ୬୫%ରୁ ଅଧିକ ଉପକରଣ ଭାରତରେ ଉତ୍ପାଦନ କରାଯାଉଛି । ତେଜସର ପୁରୁଣା ଭର୍ସନକୁ ବି ହାଲ୍ ବିକାଶ କରିଥିଲା । ଏହାକୁ ଏରୋନଟିକାଲ ଡେଭଲପମେଣ୍ଟ ଏଜେନ୍ସି ଏବଂ ଡିଆର୍ଡିଓ ସହାୟତାରେ ନିର୍ମାଣ କରାଯାଇଛି । ଏହା ଆକାଶ, ଜଳ ଓ ସ୍ଥଳଭାଗରୁ ଆକ୍ରମଣ ଲାଗି ଡିଜାଇନ୍ ହୋଇଛି । ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଏହା ନିଜ ଟାର୍ଗେଟ୍ ଉପରେ ମାଡ଼ କରିପାରିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୨୨ ନଭେମ୍ବର ୨୫ରେ ବେଙ୍ଗାଲୁରୁରେ ତେଜସ୍ ଯୁଦ୍ଧ ବିମାନରେ ଉଡ଼ାଣ ଭରିଥିଲେ । କୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କର ଏହା ପ୍ରଥମ ଯୁଦ୍ଧ ବିମାନ ଉଡ଼ାଣ ଥିଲା ।



# ନେକ୍ସସ ଏସପ୍ଲାନେଡ୍‌ରେ ଗ୍ରାଣ୍ଡ ଦଶହରା ଉତ୍ସବ

ଭୁବନେଶ୍ୱର,୨୬।୯ (ନି.ପ୍ର) : ଏହି ପାର୍ବଣ ଋତୁରେ, ନେକ୍ସସ ଏସପ୍ଲାନେଡ୍ ଭବ୍ୟତା, ଉତ୍ସାହ ଏବଂ ଅବିସ୍ମରଣୀୟ ଅନୁଭୂତି ସହିତ ଦଶହରାର ଜୀବନ୍ତ ଆବେଗକୁ ଆରମ୍ଭ କରିବାକୁ ପ୍ରସ୍ତୁତ । ୨୩ ସେପ୍ଟେମ୍ବର - ୨ ଅକ୍ଟୋବର ୨୦୨୫ ପର୍ଯ୍ୟନ୍ତ, ମଲ୍ ଉତ୍ସବର ଏକ ହବ୍ ରେ ପରିଣତ ହେବ, ଯାହା ପରିଦର୍ଶକମାନଙ୍କୁ ସପିଂ, ମନୋରଞ୍ଜନ ଏବଂ ସାଂସ୍କୃତିକ ଉତ୍ସବର ଏକ ଉପଯୁକ୍ତ ମିଶ୍ରଣ ପ୍ରଦାନ କରିବ । ଏହି ଉତ୍ସବରେ ଦାଣ୍ଡିଆ ନାଇଟ୍ସ, ଲାଇଭ୍ ବ୍ୟାଣ୍ଡ ପ୍ରଦର୍ଶନ, ସୁମଧୁର ସଙ୍ଗୀତ ପ୍ରଦର୍ଶନ ଏବଂ ଗୀତ ଅଭିନୟ ପ୍ରଦର୍ଶିତ ହେବ, ଯାହା ପରିବାର ଏବଂ ବନ୍ଧୁମାନଙ୍କ ପାଇଁ ଏକାଠି ହୋଇ ଉତ୍ସବ ପାଳନ କରିବା ପାଇଁ ଏକ ଜୀବନ୍ତ ଏବଂ ଆନନ୍ଦଦାୟକ ବାତାବରଣ ସୃଷ୍ଟି କରିବ ।

ଉତ୍ସବର ଆନନ୍ଦକୁ ଯୋଡି ନେକ୍ସସ ଏସପ୍ଲାନେଡ୍ ଏକ 'ସପ୍ ଆଣ୍ଡ ୱିନ୍' ଅଭିଯାନ ସହିତ ଏକ ଆକ୍ଟିଭିଟି ଜୋନ୍ ମଧ ଆୟୋଜନ କରିବ, ଯାହା ଗ୍ରାହକମାନଙ୍କୁ ମଲ୍ ର ଅଗ୍ରଣୀ ବ୍ରାଣ୍ଡରେ କରାଯାଇଥିବା ପ୍ରତ୍ୟେକ କ୍ରୟ ସହିତ ସ୍ୱତନ୍ତ୍ର ବ୍ରାଣ୍ଡ ଭାଉଚର ଏବଂ ଆକର୍ଷଣୀୟ ପୁରସ୍କାର ଜିତିବାର ସୁଯୋଗ ଦେବ । ଗୋଟିଏ ଛାତ ତଳେ ସପିଂ, ମନୋରଞ୍ଜନ ଏବଂ ସଂସ୍କୃତି ସହିତ, ନେକ୍ସସ ଏସପ୍ଲାନେଡ୍ ଏହି ଦଶହରାର ଚରମ ଉତ୍ସବ ଗନ୍ତବ୍ୟସ୍ଥଳ ହେବାକୁ ପ୍ରତିଶୃତି ଦେଇଛି, ଯାହା ଅତିଥିମାନଙ୍କୁ ସେମାନଙ୍କ ପ୍ରିୟଜନଙ୍କ ସହିତ ଅବିସ୍ମରଣୀୟ ସ୍ମୃତି ସୃଷ୍ଟି କରିବାର ସୁଯୋଗ ପ୍ରଦାନ କରେ ।

# ଏନବିବିଏଲ ପକ୍ଷରୁ ବନ୍ଧନ ବ୍ୟାଙ୍କ ରିଟେଲ ଆସେଟକୁ ଭାରତ କନେକ୍ଟରେ ସାମିଲ

ଭୁବନେଶ୍ୱର,୨୬।୯ (ନି.ପ୍ର) : ନ୍ୟାସନାଲ ପେମେଂଟ କର୍ପୋରେସନ ଅଫ ଇଣ୍ଡିଆ (ଏନପିସିଆଇ)ର ସମ୍ପୂର୍ଣ୍ଣ ସହାୟକ ସଂସ୍ଥା ଏନପିସିଆଇ ଭାରତ ବିଲପେ ଲିମିଟେଡ ପକ୍ଷରୁ ବନ୍ଧନ ବ୍ୟାଙ୍କକୁ ଭାରତ କନେକ୍ଟ ପ୍ଲାଟଫର୍ମରେ ଯୋଡ଼ାଯାଇଛି। ଏହା ଦ୍ୱାରା ବନ୍ଧନ ବ୍ୟାଙ୍କ ଗ୍ରାହକମାନେ ସେମାନଙ୍କ ବ୍ୟକ୍ତିଗତ ଋଣ, ଗାଡ଼ି ଋଣ ଓ ଦୁଇଚକିଆ ଯାନ ଋଣର ଇଏମଆଇ ପ୍ରଦାନ କରିପାରିବେ। ଗ୍ରାହକମାନେ ବନ୍ଧନ ବ୍ୟାଙ୍କ ମୋବାଇଲ ଆପ ଏମବନ୍ଧନ, ରିଟେଲ ଇଂଟରନେଟ ବ୍ୟାଙ୍କିଂ କିମ୍ବା ଭାରତ କନେକ୍ଟ ସହ ଯୋଡ଼ିହୋଇଥିବା ୭୦୦ରୁ ଅଧିକ ୱେବସାଇଟ ଓ ଆପ ଜରିଆରେ ଇଏମଆଇ ପୈଠ କରିପାରିବେ।

ଏହା ବନ୍ଧନ ବ୍ୟାଙ୍କରୁ ଋଣ ନେଇଥିବା ଗ୍ରାହକମାନେ ଡିଜିଟାଲ ମାଧ୍ୟମରେ ପେମେଂଟ କରିବାର ଅଧିକ ସୁବିଧା ପାଇପାରିବେ। ଠିକ ସମୟରେ ଋଣ ପରିଶୋଧ କରିବା ଲାଗି ବ୍ୟାପକ ଡିଜିଟାଲ ଚ୍ୟାନେଲକୁ ଗ୍ରାହକମାନେ ବ୍ୟବହାର କରିପାରିବେ ଯାହା ଗ୍ରାହକଙ୍କ ସୁବିଧାରେ ଉନ୍ନତି ଆଣିବ। ଏହି ସହଯୋଗିତାରେ ଗ୍ରାହକଙ୍କ ସୁବିଧାରେ ଉନ୍ନତି ଆଣିବା ଏବଂ ଋଣ ପରିଶୋଧ ସୁବିଧାକୁ ଗ୍ରାହକଙ୍କ ନିକଟରେ ପହଂଚାଇବାକୁ ଲକ୍ଷ୍ୟ ରଖାଯାଇଛି।

ଏହି ସମନ୍ୱୟ ପ୍ରକ୍ରିୟାକୁ ନିରବଚ୍ଛିନ୍ନ, ବ୍ୟବହାରକାରୀ ଅନୁକୂଳ କରିବା ସହ ଧାର୍ଯ୍ୟ ତାରିଖ ଅତିକ୍ରମ କରିଯିବାର ଆଶଙ୍କା କମ କରିବ। ଏହା ଭାରତ କନେକ୍ଟ ଭିତିଭୂମିକୁ ଉପଯୋଗ କରି ଭାରତର ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଲକ୍ଷ୍ୟ ହାସଲରେ ସହାୟକ ହୋଇପାରିବ।

ଏ ସମ୍ପର୍କରେ ଏନବିବିଏଲର ଏମଡି ଓ ସିଇଓ ନୂପୁର ଚତୁର୍ବେଦୀ କହିଛନ୍ତି ଯେ, 'ଏନବିବିଏଲରେ ଆମେ ଗ୍ରାହକ ଓ ଋଣ ପ୍ରଦାନକାରୀମାନଙ୍କ ପାଇଁ ଡିଜିଟାଲ ପେମେଂଟକୁ ନିରବଚ୍ଛିନ୍ନ ଓକରିବା ସହ ସେମାନଙ୍କ ପାଖରେ ପହଂଚାଇବାକୁ ଚାହୁଁଛୁ। ବନ୍ଧନ ବ୍ୟାଙ୍କ ସହିତ ଆମର ସହଯୋଗିତା ଗ୍ରାହକମାନଙ୍କୁ ସେମାନଙ୍କ ଇଏମଆଇ ପରିଚାଳନା କରିବା ପାଇଁ ଏକ ସରଳ ଓ ବିଶ୍ୱାସଯୋଗ୍ୟ ମାଧ୍ୟମ ପ୍ରଦାନ କରିବା ଏବଂ ଋଣ ପ୍ରଦାନକାରୀମାନଙ୍କୁ ୭୦୦ରୁ ଅଧିକ ଆପ ଓ ୱେବସାଇଟ ଓ ସାରା ଭାରତରେ ଥିବା ୫ ନିୟୁତ ଅଫଲାଇନ ଏଜେଂଟଙ୍କ ଜରିଆରେ ଋଣ ଅର୍ଥ ସଂଗ୍ରହ କରିବାରେ ସହାୟକ ହେବ। ଡିଜିଟାଲ ସାର୍ବଜନୀନ ଭିତିଭୂମି ବ୍ୟବହାର କରି ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ସୁଦୃଢ଼ କରିବା ପାଇଁ ଆମର ରହିଥିବା ଉଦ୍ୟମକୁ ବନ୍ଧନ ବ୍ୟାଙ୍କ ସହ ଏହି ସହଯୋଗିତା ଆହୁରି ଆଗକୁ ବଢ଼ାଇବ।" ବନ୍ଧନ ବ୍ୟାଙ୍କର ଇଡି ଓ ସିଇଓ ଶ୍ରୀ ରତନ କୁମାର କେଶ କହିଛନ୍ତି ଯେ, "ବନ୍ଧନ ବ୍ୟାଙ୍କରେ ଆମେ ଆମର ପ୍ରତିଟି ଡିଜିଟାଲ ନବସୃଜନର ମୂଳରେ ଗ୍ରାହକଙ୍କୁ ରଖିବା ଉପରେ ସର୍ବଦା ଧ୍ୟାନ ଦେଉଛୁ। ଏନପିସିଆଇ ଭାରତ ବିଲ-ପେ'ର ଭାରତ କନେକ୍ଟ ପ୍ଲାଟଫର୍ମ ସହ ସମନ୍ୱିତ ହେବା ଆମ ଗ୍ରାହକମାନଙ୍କ ପାଇଁ ଏକ ନିରବଚ୍ଛିନ୍ନ, ସୁରକ୍ଷିତ ଓ ସୁବିଧାଜନକ ଋଣ ପରିଶୋଧ ଯାତ୍ରା ସୃଷ୍ଟି କରିବା ଦିଗରେ ଏକ ପଦକ୍ଷେପ। ଏହି ପ୍ଲାଟଫର୍ମକୁ ଉପଯୋଗ କରି ଆମେ ଋଣ ପରିଶୋଧର ସରଳୀକରଣ କରୁଥିବା ବେଳେ ତାହାକୁ ଲୋକମାନଙ୍କ ପାଖରେ ପହଂଚାଉଛୁ ଓ ଆର୍ଥିକ ସଶକ୍ତୀକରଣକୁ ସକ୍ଷମ କରୁଛୁ। ଏକ ଗ୍ରାହକ ପ୍ରଥମ ଡିଜିଟାଲ ବ୍ୟବସ୍ଥାକୁ ଆଗକୁ ବଢ଼ାଇବା ଏବଂ ସାରା ଦେଶରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ସୁଦୃଢ଼ କରିବାରେ ଆମ ପ୍ରତିବଦ୍ଧତାକୁ ଏହି ଅଭିଯାନ ଦୃଢ଼ କରୁଛି।"

# ହୋଣ୍ଡା ମୋଟରସାଇକଲ ଆଣ୍ଡ୍ ସ୍କୁଟର ଇଣ୍ଡିଆ ପକ୍ଷରୁ ଅଲ୍-ନିୟୁ ସିବି୩୫୦ସି ସ୍ପେଶାଲ ଏଡିସନ୍‌ର ବଜାର ପ୍ରବେଶ

ଗୁରୁଗ୍ରାମ, ୨୬।୯: ପ୍ରିମିୟମ ୩୫୦ସିସି ମୋଟରସାଇକଲ ବର୍ଗରେ ନିଜର ସ୍ଥିତିକୁ ସୁଦୃଢ କରି ହୋଣ୍ଡା ମୋଟରସାଇକଲ ଆଣ୍ଡ୍ ସ୍କୁଟର ଇଣ୍ଡିଆ (ଏଚଏମ୍‌ଏସଆଇ) ଏହାର ଅଲ୍-ନିୟୁ ସିବି୩୫୦ସି ସ୍ପେଶାଲ ଏଡିସନ ବଜାର ପ୍ରବେଶ କରାଇଛି। ଏହି ରେଟ୍ରୋକ୍ଲାସିକ ମୋଟରସାଇକଲ ନିମନ୍ତେ ସମ୍ପ୍ରତି ବୁକିଂ ଉନ୍ମୁକ୍ତ ହୋଇଛି ଏବଂ ଏହା ସମଗ୍ର ଦେଶରେ ୨୦୨୫ ଅକ୍ଟୋବର ପ୍ରଥମ ସପ୍ତାହରୁ ସମସ୍ତ ହୋଣ୍ଡା ବିଗୱିଙ୍ଗ୍ ଡିଲରସିପ୍ ଗୁଡିକରେ ଉପଲବ୍ଧ ହେବ। ଅଲ୍-ନିୟୁ ହୋଣ୍ଡା ସିବି୩୫୦ସି ସ୍ପେଶାଲ ଏଡିସନ୍‌ର ମୂଲ୍ୟ ଏକ୍ସ-ସୋରୁମ୍ ବେଙ୍ଗାଲୁରୁ, କର୍ଣ୍ଣାଟକ ମୂଲ୍ୟ ୨,୦୧,୯୦୦ ଟଙ୍କା ରଖାଯାଇଛି।



ନିୟୁ ସିବି୩୫୦ସି ସ୍ପେଶାଲ ଏଡିସନ୍ ଶୁଭାରମ୍ଭ କରି ଶ୍ରୀ ସୁଟସୁମୁ ଓଟାନି, ମ୍ୟାନେଜିଂ ଡାଇରେକ୍ଟର, ପ୍ରେସିଡେଣ୍ଟ ଆଣ୍ଡ୍ ସିଇଓ, ହୋଣ୍ଡା ମୋଟରସାଇକଲ ଆଣ୍ଡ୍ ସ୍କୁଟର ଇଣ୍ଡିଆ କହିଥିଲେ, "ସିବି ଉତ୍ତରାଧିକାରତା ସର୍ବଦା ଚିରନ୍ତନ ଡିଜାଇନ, ନିଖୁଣ ପ୍ରଦର୍ଶନ ଏବଂ ସମସ୍ତ ପିଢି ଚାଳକମାନଙ୍କ ସହିତ ସଂଯୁକ୍ତ ହେଉଥିବା ମଜଭୁତ ଭାବଗତ ସମ୍ପର୍କର ପ୍ରତିନିଧିତ୍ୱ କରିଆସିଛି। ନିୟୁ ସିବି୩୫୦ସି ସ୍ପେଶାଲ ଏଡିସନ୍ ପ୍ରଚଳନ ସହିତ ଆମେ ଆମର ମଧ୍ୟମ-ଆକାର ମୋଟରସାଇକଲ ବର୍ଗକୁ ସୁଦୃଢ କରିବା ସହିତ ସାମ୍ପ୍ରତିକ ସମୟର କ୍ଲାସିକ ଗ୍ରାହକଙ୍କ ସହିତ ମେଳ ଖାଉଥିବା ଏକ ତାଜା ପରିଚୟ ସୃଷ୍ଟି କରୁଛୁ। ଆମେ ଦୃଢ ନିଶ୍ଚିତ ଯେ ଏହି ନୂଆ ଅବତାର ଆମ ଗ୍ରାହକମାନଙ୍କର ମାଲିକାନାର ଗର୍ବକୁ ଉତ୍ଥିତ କରିବ।"

ଏହି ଘୋଷଣା ସମ୍ପର୍କରେ ମତ ଦେଇ ଶ୍ରୀ ଯୋଗେଶ ମାଥୁର, ଡାଇରେକ୍ଟର, ସେଲ୍ସ୍ ଆଣ୍ଡ ମାର୍କେଟିଂ, ହୋଣ୍ଡା ମୋଟରସାଇକଲ ଆଣ୍ଡ୍ ସ୍କୁଟର ଇଣ୍ଡିଆ କହିଥିଲେ, "ଦମ୍‌ଦାର ପଦକ୍ଷେପ ନେଉଥିବା ଏବଂ ପରମ୍ପରା ଓ ଆଧୁନିକତାର ସଠିକ୍ ସମ୍ମିଶ୍ରଣ ଚାହୁଁଥିବା ବ୍ୟକ୍ତିବିଶେଷଙ୍କ ନିମନ୍ତେ ଆମେ ଅଲ୍-ନିୟୁ ସିବି୩୫୦ସି ସ୍ପେଶାଲ ଏଡିସନ୍ ପ୍ରଚଳନ କରି ଉଲ୍ଲସିତ ଅନୁଭବ କରୁଛୁ। ଏହି ମୋଟରସାଇକଲ ଆମର ପ୍ରିମିୟମ ମୋଟରସାଇକଲ ରଣକୌଶଳ କ୍ଷେତ୍ରରେ ଏକ ଉଲ୍ଲେଖନୀୟ ମାଇଲଖୁଣ୍ଟ ହୋଇଛି। ସ୍ୱତନ୍ତ୍ରତା, ଷ୍ଟାଇଲ ଏବଂ ହୋଣ୍ଡାର ଅତୁଳନୀୟ ନିର୍ଭରଯୋଗ୍ୟତାକୁ ଗୁରୁତ୍ୱ ଦେଉଥିବା ଚାଳକମାନଙ୍କ ଆକାଂକ୍ଷାକୁ ପ୍ରତିଫଳିତ କରିବା ନିମନ୍ତେ ଏହା ଡିଜାଇନ କରାଯାଇଛି। ଏହାର ନୂଆ ଗ୍ରାଫିକ୍ସ ଏବଂ ସ୍ପେଶାଲ ଏଡିସନ୍ ବ୍ରାଣ୍ଡିଂ ସମେତ ତାଜା ଡିଜାଇନ ଉପାଦାନସମୂହ ସହିତ ସିବି୩୫୦ସି ସ୍ପେଶାଲ ଏଡିସନ ଏକ ବାରି ହୋଇପଡୁଥିବା ସଡ଼କ ଉପସ୍ଥିତି ପ୍ରଦାନ କରୁଛି। ଆମର ବିଗ୍‌ୱିଙ୍ଗ ନେଟୱର୍କକୁ ଏହି ମୋଟରସାଇକଲ ଆଣି ଆମେ ଆନନ୍ଦିତ ଅନୁଭବ କରୁଛୁ ଏବଂ ଦୃଢ ନିଶ୍ଚିତ ଯେ ଏହା ସମଗ୍ର ଭାରତରେ ନୂଆ ଯୁଗର ଗ୍ରାହକମାନଙ୍କୁ ଆକୃଷ୍ଟ କରିବ।"

# ଡିଏସ୍‌ପି ପ୍ରଚଳନ କଲା ଭାରତର ପ୍ରଥମ ଫ୍ଲେକ୍ସି କ୍ୟାପ୍ ଇଟିଏଫ୍- ଡିଏସ୍‌ପି ନିଫ୍‌ଟି ୫୦୦ ଫ୍ଲେକ୍ସିକ୍ୟାପ୍ କ୍ୱାଲିଟି ୩୦ ଇଟିଏଫ୍ ଦୀର୍ଘାବଧି ନିବେଶକଙ୍କ ନିମନ୍ତେ ନମନୀୟତା, ଗୁଣବତ୍ତା ଏବଂ ସରଳତା ଏକତ୍ର ଆଣିଛି

ମୁମ୍ବାଇ,୨୬।୯ (ନି.ପ୍ର) : ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ୍ ଭାରତର ପ୍ରଥମ ଫ୍ଲେକ୍ସି କ୍ୟାପ୍ ଏକ୍ସଚେଞ୍ଜ ଟ୍ରେଡେଡ ଫଣ୍ଡ୍ (ଇଟିଏଫ୍) ଡିଏସ୍‌ପି ନିଫ୍‌ଟି ୫୦୦ ଫ୍ଲେକ୍ସିକ୍ୟାପ କ୍ୱାଲିଟି ୩୦ ଇଟିଏଫ ପ୍ରଚଳନ ସମ୍ପର୍କରେ ଘୋଷଣା କରିଛି। ଏହି ଇଟିଏଫ୍ ନିଫ୍‌ଟି ୫୦୦ ଫ୍ଲେକ୍ସିକ୍ୟାପ କ୍ୱାଲିଟି ୩୦ ଟିଆରଆଇର ଟିର୍କିନିଖି ତଥ୍ୟ ରଖୁଛି, ଯାହା ସମସ୍ତ ଲାର୍ଜ, ମିଡ୍ ଏବଂ ସ୍ମଲ କ୍ୟାପ କମ୍ପାନୀଗୁଡିକରେ ଗତିଶୀଳ ଭାବରେ ନିବେଶ କରିବା ସହିତ କେବଳ ଗୁଣାତ୍ମକ ବ୍ୟବସାୟ ସଂସ୍ଥା ଉପରେ ଦୃଷ୍ଟିନିବଦ୍ଧ କରୁଥିବା ଏକ ଅନନ୍ୟ ବେଞ୍ଚମାର୍କ ହୋଇଛି।

ଭାରତୀୟ ଇକ୍ୱିଟି ବଜାର ଅନେକ ସମୟରେ ଚକ୍ରାକାରରେ ଗତି କରିଥାଏ, ଯେଉଁଥିରେ ଲାର୍ଜ, ମିଡ୍ ଏବଂ ସ୍ମଲ କ୍ୟାପ୍‌ଗୁଡିକ ପାଳି ଅନୁସାରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥାନ୍ତି। ଅଧିକାଂଶ ନିବେଶକଙ୍କ ନିମନ୍ତେ କେଉଁଠାରେ ପୁଞ୍ଜିନିବେଶ କରାଯିବ, କେତେ ପରିମାଣର ଅର୍ଥ ବିନିଯୋଗ କରାଯିବ ଏବଂ କେଉଁ ସମୟରେ ପରିବର୍ତ୍ତନ କରିବାକୁ ହେବ ତାହା ଉଭୟ କଷ୍ଟକର ଏବଂ ବ୍ୟୟସାପେକ୍ଷ ହୋଇପଡେ। ଏହି ଇଟିଏଫ୍ ସେହି ଜଟିଳତାକୁ ଦୂର କରୁଛି।

୨୦୦୯ ଅକ୍ଟୋବରରେ ଆରମ୍ଭ ହେବା ଦିନଠାରୁ ନିଫ୍‌ଟି ୫୦୦ ଫ୍ଲେକ୍ସି କ୍ୟାପ୍ କ୍ୱାଲିଟି ୩୦ ଇଣ୍ଡେକ୍ସ ୧୭.୬% ସିଏଜିଆର୍ ପ୍ରଦାନ କରିଛି, ଯାହା ସମୁଦାୟ ବଜାର ଚକ୍ରରେ ନିଫ୍‌ଟି ୫୦୦ ଟିଆରଆଇକୁ ପଛରେ ପକାଇ ଦେଇଛି। ଗୁଣାତ୍ମକ ଦିଗ ଉପରେ ଦୃଷ୍ଟିନିବଦ୍ଧ ସହିତ ଗତିଶୀଳ ପୁଞ୍ଜିନିବେଶର ସମ୍ମିଶ୍ରଣ ଏବଂ କେନ୍ଦ୍ରୀଭୂତ ୩୦-ଷ୍ଟକ ପୋର୍ଟଫୋଲିଓରୁ ଏହାର ସାମର୍ଥ୍ୟ ସୃଷ୍ଟି ହେଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଯେ ଏହା ମଧ୍ୟ ୨୦୧୧ ଓ ୨୦୧୮ରେ ବ୍ରଡର୍ ମାର୍କେଟରୁ କମ୍ ହେବା ଏବଂ ୨୦୨୦ କୋଭିଡ ଜନିତ ଖରାପ ଅବସ୍ଥାରେ କ୍ଷତି ପରିମାଣ ସୀମିତ ରଖିବା ଭଳି ଷ୍ଟକ ବଜାର ନିମ୍ନଗାମୀ ସ୍ଥିତିରେ ଏହା ନିବେଶକଙ୍କୁ ଆଶ୍ୱସ୍ତି ପ୍ରଦାନ କରୁଛି ଏବଂ ତାହାସହିତ ପରବର୍ତ୍ତୀ ସମୟରେ ପୁନରୁଦ୍ଧାର ଧାରାକୁ ଧରି ରଖୁଛି। ନିୟୁ ଫଣ୍ଡ୍ ଅଫର (ଏନଏଫଓ) ୨୦୨୫ ସେପ୍ଟେମ୍ବର ୨୫ରୁ ଅକ୍ଟୋବର ୬ ତାରିଖ ପର୍ଯ୍ୟନ୍ତ ଉନ୍ମୁକ୍ତ ରହିବ।

ସମୁଦାୟ ବଜାର ଚକ୍ରରେ ସୁଯୋଗକୁ ଧରି ରଖୁଥିବା ଏବଂ ସେହି ସମୟରେ ଗୁଣାତ୍ମକ ଦିଗ ଏବଂ ଏକ ପାସିଭ୍, କମ୍ ଖର୍ଚ୍ଚବିଶିଷ୍ଟ ଢାଞ୍ଚାର ଦାରଦର୍ଶିତା ବଜାୟ ରଖୁଥିବା ଏକକ ସ୍ୱାଚ୍ଛନ୍ଦ୍ୟମୂଳକ ଉପାଦ ଜରିଆରେ ଦୀର୍ଘାବଧି ପାଣ୍ଠି ଅଭିବୃଦ୍ଧି ଚାହୁଁଥିବା ନିବେଶକଙ୍କ ନିମନ୍ତେ ଇଟିଏଫ୍ ଉଦ୍ଦିଷ୍ଟ।

"ନମନୀୟତା ଏବଂ ଗୁଣାତ୍ମକ ଦିଗ ଦୀର୍ଘାବଧି ନିବେଶ ନିମନ୍ତେ ଦୁଇଟି ଶକ୍ତିଶାଳୀ ଚିନ୍ତାଧାରା ହୋଇଛି। ଏହି ଇଟିଏଫ୍ ସହିତ ଆମେ ନିବେଶକଙ୍କୁ ଏଭଳି ଏକ ଉତ୍ପାଦ ଯୋଗାଇ ଦେଉଛୁ, ଯାହା ନିରନ୍ତର ନିରୀକ୍ଷଣ ଅଥବା ପରିବର୍ତ୍ତନ ନକରି ବଜାର ପର୍ଯ୍ୟାଗୁଡିକୁ ଆପେ ଆପେ ଗ୍ରହଣ କରିଥାଏ। ସେହି ସମୟରେ କେବଳ ଗୁଣାତ୍ମକ ବ୍ୟବସାୟିକ ସଂସ୍ଥାଗୁଡିକ ଉପରେ ଦୃଷ୍ଟିନିବଦ୍ଧ କରି ଇଟିଏଫ ନିବେଶକଙ୍କୁ ଏହି ବିଶ୍ୱାସ ଦେବାକୁ ଲକ୍ଷ୍ୟ ରଖିଛି ଯେ ସେମାନଙ୍କର ଅର୍ଥ ଯେଉଁ କମ୍ପାନୀଗୁଡିକରେ ନିବେଶ କରାଯାଇଛି ଉକ୍ତ କମ୍ପାନୀଗୁଡିକ ଟିଷ୍ଠି ରହିବାକୁ ନିର୍ମିତ ହୋଇଛି," ବୋଲି ଅନିଲ ଘେଲାନି, ସିଏଫ୍‌ଏ- ହେଡ୍-ପାସିଭ୍ ଇନ୍‌ଭେଷ୍ଟମେଣ୍ଟ ଆଣ୍ଡ୍ ପ୍ରଡକ୍ଟସ୍, ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ୍ କହିଥିଲେ।

"ଏକ ଟୁ-ଟୁ-ଲେବଲ ଫ୍ଲେକ୍ସି କ୍ୟାପ୍ ରଣକୌଶଳ ଭାରତୀୟ ବଜାରରେ ପରିଲକ୍ଷିତ ହେଉନାହିଁ। ଅଧିକାଂଶ ବିବିଧକୃତ ଅଥବା ଫ୍ଲେକ୍ସି କ୍ୟାପ ଫଣ୍ଡ୍‌ଗୁଡିକ ମିଡ୍ ଏବଂ ସ୍ମଲ୍ କ୍ୟାପଗୁଡିକରେ କମ୍ ପରିମାଣର ପାଣ୍ଠି ନିବେଶ ସୀମା ମଧ୍ୟରେ ରହୁଛନ୍ତି। ଡିଏସ୍‌ପି ନିଫ୍‌ଟି ୫୦୦ ଫ୍ଲେକ୍ସିକ୍ୟାପ କ୍ୱାଲିଟି ୩୦ ଇଟିଏଫ୍ ସହିତ ନିବେଶକମାନେ ପରିଶେଷରେ ସମୁଦାୟ ଲାର୍ଜ, ମିଡ୍ ଏବଂ ସ୍ମଲ୍ କ୍ୟାପଗୁଡିକରେ ଗୋଟିଏ ଫଣ୍ଡରେ ନିବେଶ କରିବାକୁ ଏକ ସରଳ, ସ୍ୱଚ୍ଛ ଏବଂ କମ୍ ଖର୍ଚ୍ଚବିଶିଷ୍ଟ ପନ୍ଥା ପାଇଛନ୍ତି। ଏହା ଦୀର୍ଘାବଧି ସମ୍ପତ୍ତି ସୃଷ୍ଟି ନିମନ୍ତେ ଏକ ସର୍ବକାଳୀନ ସମାଧାନ ଯୋଗାଇ ଦେଇପାରେ," ବୋଲି ଗୁରଜିତ କାଲରା, ବିଜିନେସ୍ ହେଡ- ପାସିଭ୍ ଫଣ୍ଡସ୍, ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ୍ କହିଥିଲେ।

# ଲିସା କେଟଲୀ ମୁମ୍ବାଇ ଇଣ୍ଡିଆନ୍ସ ମହିଳା ଦଳର ମୁଖ୍ୟ ପ୍ରଶିକ୍ଷକ ନିଯୁକ୍ତ

ମୁମ୍ବାଇ,୨୬।୯: ମୁମ୍ବାଇ ଇଣ୍ଡିଆନ୍ସ ପୂର୍ବତନ ଅଷ୍ଟ୍ରେଲିଆ କ୍ରିକେଟର ତଥା ଦୁଇ ଥର ବିଶ୍ୱକପ୍ ବିଜେତା ଲିସା କେଟଲୀଙ୍କୁ ମୁମ୍ବାଇ ଇଣ୍ଡିଆନ୍ସ ମହିଳା ଦଳର ମୁଖ୍ୟ ପ୍ରଶିକ୍ଷକ ଭାବେ ନିଯୁକ୍ତ କରିଛି।



୧୯୯୭ ଏବଂ ୨୦୦୫ରେ ଅଷ୍ଟ୍ରେଲିଆର ବିଶ୍ୱକପ୍ ବିଜେତା ଦଳରେ ସାମିଲ ଥିବା କେଟଲୀ ମହିଳା କ୍ରିକେଟର ସବୁଠାରୁ ସମ୍ମାନିତ ପ୍ରଶିକ୍ଷକମାନଙ୍କ ମଧ୍ୟରୁ ଅନ୍ୟତମ। ନିଜର ଚମତ୍କାର ଖେଳ କ୍ୟାରିଅର ତଥା ଅଷ୍ଟ୍ରେଲିଆ, ଇଂଲଣ୍ଡ ଏବଂ ଶ୍ରେଷ୍ଠ ବିଶ୍ୱ ଲିଗଗୁଡିକରେ ପ୍ରଶିକ୍ଷଣ ଅଭିଜ୍ଞତା ସହିତ, ସେ ମୁମ୍ବାଇ ଇଣ୍ଡିଆନ୍ସ ଦଳରେ ଅତୁଳନୀୟ ଅଭିଜ୍ଞତା ଏବଂ ଦୃଷ୍ଟିକୋଣ ଆଣିବେ। ମୁମ୍ବାଇ ଇଣ୍ଡିଆନ୍ସ ମହିଳା ଦଳ ପୂର୍ବରୁ ହିଁ ଡବ୍ଲୁପିଏଲ ଇତିହାସର ସବୁଠାରୁ ସଫଳ ଦଳ ଭାବରେ ମାତ୍ର ତିନୋଟି ସିଜନରେ ଦୁଇଟି ଚାମ୍ପିଅନସିପ୍ ଜିତିଛି। ମୁମ୍ବାଇ ଇଣ୍ଡିଆନ୍ସ ୨୦୨୩ ଏବଂ ୨୦୨୫ ରେ ଡବ୍ଲୁପିଏଲ ଚାମ୍ପିଅନ୍ ରହିଥିଲା।

ଏହି ଅବସରରେ ଖୁସି ପ୍ରକାଶ କରି ନୀତା ଏମ୍. ଅମ୍ବାନୀ କହିଛନ୍ତି, 'ଆମେ ଲିସା କେଟଲୀଙ୍କୁ ମୁମ୍ବାଇ ଇଣ୍ଡିଆନ୍ସ ପରିବାରରେ ସ୍ୱାଗତ କରି ବେଶ ଆନନ୍ଦିତ। ଲିସା ତାଙ୍କ ଉତ୍ସାହ ସହିତ ଅନେକ ପିଢ଼ିର କ୍ରିକେଟ୍ ପ୍ରଶଂସକଙ୍କୁ ଅନୁପ୍ରାଣିତ କରିଛନ୍ତି। ତାଙ୍କ ଆଗମନ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଏକ ରୋମାଞ୍ଚକର ନୂତନ ଅଧ୍ୟାୟ କାରଣ ଆମେ ଆହୁରି ଉଚ୍ଚକୁ ଉଠିବାକୁ ପ୍ରସ୍ତୁତ ରହିଛୁ।'

ଲିସା କେଟଲୀ କହିଛନ୍ତି, 'ମୁମ୍ବାଇ ଇଣ୍ଡିଆନ୍ସରେ ଯୋଗଦେବା ଏକ ସମ୍ମାନର ବିଷୟ। ଏହା ଏଭଳି ଏକ ଦଳ ଯାହା ଡବ୍ଲୁପିଏଲରେ ଅନେକ ମାନକ ସ୍ଥାପିତ କରିଛି। ଆମର ସଫଳତାକୁ ଆଗକୁ ବଢ଼ାଇବା ତଥା ପଡିଆ ଭିତରେ ଏବଂ ବାହାରେ ନୂତନ ପିଢ଼ିକୁ ପ୍ରେରଣା ଦେବା ଜାରି ରଖିବା ପାଇଁ ମୁଁ ଦଳ ସହିତ କାମ କରିବାକୁ ଅପେକ୍ଷା ବେଶ ଉତ୍ସାହିତ ରହିଛି। କେଟଲୀ ପୂର୍ବରୁ ଅଷ୍ଟ୍ରେଲିଆ ଏବଂ ଇଂଲଣ୍ଡ ମହିଳା ଦଳର ପ୍ରଶିକ୍ଷକ ରହିଛନ୍ତି। ସେ ଇଂଲଣ୍ଡର ପୂର୍ଣ୍ଣକାଳୀନ ମୁଖ୍ୟ ପ୍ରଶିକ୍ଷକ ହେବାରେ ପ୍ରଥମ ମହିଳା ଥିଲେ। ତାଙ୍କର ଡବ୍ଲୁବିବିଏଲ, ଦି ହଣ୍ଡ୍ରେଡ୍ ଏବଂ ଡବ୍ଲୁପିଏଲରେ ଫ୍ରାଞ୍ଚାଇଜ୍ ପ୍ରଶିକ୍ଷଣ ଅଭିଜ୍ଞତା ମଧ ରହିଛି। ଗତ ମାସରେ ଦି ହଣ୍ଡ୍ରେଡ୍ ରେ ନର୍ଦ୍ଦର୍ଣ୍ଣ ସୁପରଚାର୍ଜର୍ସକୁ ମହିଳା ଟାଇଟଲ୍ ବିଜୟୀ ହେବାରେ ସେ ପ୍ରମୁଖ ଭୂମିକା ନେଇଥିଲେ। କେଟଲୀ ଜଣେ ଷ୍ଟାଇଲିସ୍ ପ୍ରାରମ୍ଭିକ ବ୍ୟାଟ୍ସମ୍ୟାନ୍ ଭାବରେ ଜଣାଶୁଣା। ସେ ଅଷ୍ଟ୍ରେଲିଆ ପକ୍ଷରୁ ନଅଟି ଟେଷ୍ଟ, ୮୨ଟି ଦିନିକିଆ ଏବଂ ଗୋଟିଏ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି।

# ବିଶ୍ୱ ହୃଦୟ ଦିବସରେ ବ୍ୟକ୍ତିଗତ ଔଷଧ କିପରି ଖରାପ କୋଲେଷ୍ଟ୍ରଲ୍ ଚିକିତ୍ସାର ଭବିଷ୍ୟତକୁ ଆକାର ଦେଉଛି

ଭୁବନେଶ୍ୱର,୨୬।୯ (ନି.ପ୍ର) : ଯେତେବେଳେ ବିଶ୍ୱ ହୃଦୟ ଦିବସ ପାଖେଇ ଆସୁଛି, ଏହା ପରୀକ୍ଷା କରିବାର ଏକ ଉତ୍କୃଷ୍ଟ ସମୟ ଯେ କିପରି ବ୍ୟକ୍ତିଗତ ଔଷଧ ହୃଦୟ ଯତ୍ନର ଦୃଶ୍ୟପଟକୁ ପରିବର୍ତନ କରୁଛି। ଦଶନ୍ଧି ଧରି, କୋଲେଷ୍ଟ୍ରଲ୍ ପରିଚାଳନା କେବଳ ଭଲ ସ୍ତର ହାସଲ କରିବା ଏବଂ ଖରାପ ସ୍ତରକୁ ଏଡାଇବା ପର୍ଯ୍ୟନ୍ତ ସୀମିତ ଥିଲାୟ କିନ୍ତୁ ଆଜି, ଏହି ଆଲୋଚନା ବିକଶିତ ହେଉଛି। କୋଲେଷ୍ଟ୍ରଲ୍ ଚିକିତ୍ସାର ଭବିଷ୍ୟତ କେବଳ ସଂଖ୍ୟା ପରିଚାଳନାରେ ନୁହେଁ, ବରଂ ସଠିକତା ସହିତ ବିପଦ ପରିଚାଳନାରେ ରହିଛି। କଷ୍ଟମାଇଜେସନ୍ ଆମକୁ ଲୋକମାନଙ୍କର ଅନନ୍ୟ ଆବଶ୍ୟକତା ଏବଂ ହୃଦଘାତର ଚିକିତ୍ସା କିମ୍ବା ଏଡାଇବା ପାଇଁ ପ୍ରତ୍ୟେକ ବ୍ୟକ୍ତିଙ୍କ ପୃଷ୍ଠଭୂମିକୁ ବିଚାର କରି ଆମର ବ୍ୟକ୍ତିଗତ ସ୍ୱାସ୍ଥ୍ୟ ଆବଶ୍ୟକତା ବିଷୟରେ ଭଲ ବୁଝାମଣା ପ୍ରଦାନ କରେ। ଏହା ସ୍ମାର୍ଟ ଡାଇଗ୍ନୋଷ୍ଟିକ୍ସ, ଉପଯୁକ୍ତ ଚିକିତ୍ସା ଏବଂ ଡାକ୍ତର-ରୋଗୀ ଯୋଗାଯୋଗକୁ ମିଶ୍ରଣ କରିଥାଏ। ଭାରତର ହୃଦୟ ସ୍ୱାସ୍ଥ୍ୟ କାହାଣୀ ଏହି ପରିବର୍ତନକୁ ଆହୁରି ଜରୁରୀ କରିଥାଏ। ପାଶ୍ଚାତ୍ୟ ଦେଶମାନଙ୍କ ତୁଳନାରେ, ଭାରତୀୟମାନେ ପ୍ରାୟ ଦଶ ବର୍ଷ ପୂର୍ବରୁ ହୃଦରୋଗ ବିପଦର ସମ୍ମୁଖୀନ ହୁଅନ୍ତି, ପ୍ରାୟତଃ ସେମାନଙ୍କ କର୍ମମୟ ଜୀବନର ପ୍ରଥମ ପର୍ଯ୍ୟାୟରେ।୧ ବିଶ୍ୱ ସ୍ତରରେ, ସିଭିଡି ମୃତ୍ୟୁର ପ୍ରମୁଖ କାରଣ ହୋଇ ରହିଛି, ଏବଂ କେବଳ ଭାରତରେ, ୨୦୨୦ ରେ ସିଭିଡି ୪.୭୭ ନିୟୁତ ମୃତ୍ୟୁ ପାଇଁ ଦାୟୀ ଥିଲା।୨ ପାରମ୍ପରିକ ୱାନ-ସାଇଜ୍-ଫିଟ-ଅଲ୍ ପଦ୍ଧତି ଆମର ବିପଦ ପ୍ରୋଫାଇଲର ସ୍ୱତନ୍ତ୍ରତାକୁ ଧ୍ୟାନ ପ୍ରଦାନ କରିନଥାଏ। ନିୟମିତ ପର୍ଯ୍ୟବେକ୍ଷଣ ହେଉଛି ବ୍ୟକ୍ତିଗତ ଔଷଧ ଏବଂ ସାଧାରଣତଃ ଉଚ୍ଚ ଏଲଡିଏଲସି ଚିକିତ୍ସାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଂଶ। ଏକ ଅବସ୍ଥାର ପ୍ରାରମ୍ଭିକ ପର୍ଯ୍ୟାୟ ସର୍ବଦା ଚିକିତ୍ସା କରିବା ସହଜ, ତେଣୁ ୧୮ ବର୍ଷ ବୟସରୁ ପରୀକ୍ଷା କରିବାକୁ ସୁପାରିଶ କରାଯାଏ। ଏହା ମନେ ରଖିବା ଗୁରୁତ୍ୱପୂର୍ଣ୍ଣ ଯେ ପ୍ରତ୍ୟେକ ବ୍ୟକ୍ତିଙ୍କର ଏକ ଅନନ୍ୟ ଲକ୍ଷ୍ୟ ଏଲଡିଏଲସି ସ୍ତର ଥାଏ, ଯାହା ସାମଗ୍ରିକ ସ୍ୱାସ୍ଥ୍ୟ, ପରିବାର ଇତିହାସ ଏବଂ ବିଦ୍ୟମାନ ବିପଦ କାରଣ ଆଧାରରେ ସ୍ଥିର ହୋଇଥାଏ। ଉଦାହରଣସ୍ୱରୂପ, ହୃଦରୋଗ କିମ୍ବା ଡାଇବେଟିସ୍ ଭଳି ଗମ୍ଭୀର ଅବସ୍ଥା ଥିବା ଲୋକମାନଙ୍କୁ ପ୍ରାୟତଃ ୫୫ ଏମଜି/ଡିଏଲ୍ ତଳେ ଏଲଡିଏଲସି ସ୍ତର ପାଇଁ ଲକ୍ଷ୍ୟ ରଖିବାକୁ ସୁପାରିଶ କରାଯାଏ। ୩ ନିୟମିତ କୋଲେଷ୍ଟ୍ରଲ୍ ସ୍କ୍ରିନିଂ ଅତ୍ୟାବଶ୍ୟକ କାରଣ କୋଲେଷ୍ଟ୍ରଲ୍ ସ୍ତର ସ୍ଥିର ନୁହେଁ, କିନ୍ତୁ ଜୀବନଶୈଳୀ, ଖାଦ୍ୟ, ଔଷଧ କିମ୍ବା ଅନ୍ୟ ସ୍ୱାସ୍ଥ୍ୟ ଅବସ୍ଥାର ଅଗ୍ରଗତି ଉପରେ ନିର୍ଭର କରି ସମୟ ସହିତ ପରିବର୍ତନ ହୋଇପାରେ, ଏବଂ ଲକ୍ଷ୍ୟ ମଧ ଭିନ୍ନ ହୋଇପାରେ। ଏହି ପରୀକ୍ଷା ଫଳାଫଳଗୁଡ଼ିକୁ ବୁଝିବା ଆପଣଙ୍କ ହୃଦୟ ସ୍ୱାସ୍ଥ୍ୟ ପାଇଁ ପରବର୍ତୀ ପଦକ୍ଷେପ ନିରୁପଣ କରିବାରେ ସାହାଯ୍ୟ କରେ। ଆପଣଙ୍କ ବିପଦ କାରକ ଉପରେ ଆଧାର କରି, ଆପଣଙ୍କ ଡାକ୍ତର ବ୍ୟକ୍ତିଗତ ଏଲଡିଏଲସି ଲକ୍ଷ୍ୟ ସ୍ଥିର କରିବାରେ ସାହାଯ୍ୟ କରିବେ। ଆପଣ ଏବଂ ଆପଣଙ୍କ ଡାକ୍ତର ମିଶି ଏକ ଚିକିତ୍ସା ଯୋଜନା ବିକଶିତ କରିପାରିବେ, ଯେଉଁଥିରେ ବିଭିନ୍ନ ଜୀବନଶୈଳୀ ପରିବର୍ତନ ଏବଂ ଔଷଧ ଅନ୍ତର୍ଭୁକ୍ତ ହୋଇପାରେ। ଉଦ୍ଦେଶ୍ୟ ହେଉଛି ଆବଶ୍ୟକୀୟ ପରିସର ମଧ୍ୟରେ ଏଲଡିଏଲସି ପରିଚାଳନା କରିବା।

# ଓପୋ ପକ୍ଷରୁ ରେନୋ୧୪ ୫ଜି ଦ୍ୱିୱାଲି ଏଡିସନର ଶୁଭାରମ୍ଭ

ଭୁବନେଶ୍ୱର,୨୬।୯ (ନି.ପ୍ର) : ରେନୋ୧୪ ସିରିଜକୁ ମିଳିଥିବା ଉଲ୍ଲେଖନୀୟ ସଫଳତା ଉପରେ ଆଧାର କରି ଓପୋ ନୂଆ ରେନୋ୧୪ ୫ଜି ଦିୱାଲି ଏଡିସନର ଶୁଭାରମ୍ଭ କରିଛି। ସ୍ୱତନ୍ତ୍ର ଭାବେ ଭାରତ ପାଇଁ ଡିଜାଇନ କରାଯାଇଥିବା ଏହି ସ୍ପେଶାଲ ଏଡିସନ ଏକ ମଣ୍ଡାଲା, ପିକକ୍ ଓ ଫେଷ୍ଟିଭ ମୋଟିଫ୍‌କୁ ସୁନ୍ଦର ଭାବେ ସମନ୍ୱିତ କରୁଥିବା ଏକ ପ୍ରଥମ ଧରଣର ସାଂସ୍କୃତିକ ଡିଜାଇନ ଏବଂ ଭାରତ ପାଇଁ ଶିଳ୍ପର ପ୍ରଥମ ହିଟ-ସେନ୍ସିଟିଭ କଲର-ଚେଞ୍ଜିଙ୍ଗ ଟେକ୍ନୋଲୋଜିକୁ ଏକତ୍ରିତ କରିଛି। ରେନୋ୧୪ ୫ଜି ଦିୱାଲି ଏଡିସନ ଏବେ ୮ଜିବି+୨୫୬ଜିବି ଭାରିଆଂଟ ପାଇଁ ୩୯,୯୯୯ ଟଙ୍କା ମୂଲ୍ୟରେ ଉପଲବ୍ଧ ହେଉଛି କିନ୍ତୁ ଏକ ସ୍ୱତନ୍ତ୍ର ପାର୍ବଣ ଅଫର ଭାବେ ଏହାକୁ ସମସ୍ତ ମେନଲାଇନ ରିଟେଲ ଆଉଟଲେଟ, ଓପୋ ଇ-ଷ୍ଟୋର, ଫ୍ଲିପକାର୍ଟ ଓ ଆମାଜନରେ ସର୍ବନିମ୍ନ ୩୬,୯୯୯ ଟଙ୍କାରେ କ୍ରୟ କରାଯାଇପାରିବ।




୫୦ଏମପି ମେନ କ୍ୟାମେରା, ୫୦ଏମପି ଟେଲିଫୋଟୋ ଲେନ୍ସ (୩.୫ଗୁଣ ଅପ୍ଟିକାଲ ଜୁମ), ୮ଏମପି ଅଲଟ୍ରା-ୱାଇଡ ଓ ୫୦ଏମପି ସେଲଫି କ୍ୟାମେରା ସହିତ ଓପୋ ରେନୋ ଦିୱାଲି ଏଡିସନ, ଓପୋର ସବୁଠାରୁ ଆଡଭାନ୍ସଡ ହାଇପରଟୋନ ଇମେଜିଂ ଇଞ୍ଜିନ ସହ ସୁସଜ୍ଜିତ ରହିଛି । ଏହାର ବୃହତ ୬୦୦୦mAhର ୫-ବର୍ଷିଆ ସ୍ଥାୟୀ ବ୍ୟାଟେରୀ ୮୦ୱାଟ ସୁପରଭିଓସିସି ଫାଷ୍ଟ ଚାର୍ଜିଙ୍ଗ ସହିତ ଦୁଇ ଦିନ ପର୍ଯ୍ୟନ୍ତ ବ୍ୟବହାର ପାଇଁ ଶକ୍ତି ଯୋଗାଇଥାଏ। ଏଆଇ ହାଇପରବୁଷ୍ଟ ୨.୦ ଓ ଏଆଇ ଲିଙ୍କବୁଷ୍ଟ ୩.୦ ସହିତ ଏହି ସିରିଜ ସୁଗମ କାର୍ଯ୍ୟଦକ୍ଷତା ଓ ନିର୍ଭରଯୋଗ୍ୟ ସଂଯୋଗ ଦେଇଥାଏ ଏବଂ ଏହା କଲରଓଏସ ୧୫ ଉପରେ ପରିଚାଳିତ ।

ଏହି ଉତ୍ପାଦର ଶୁଭାରମ୍ଭ ଅବସରରେ ଓପୋ ଇଣ୍ଡିଆର ପିଆର ଆଣ୍ଡ କମ୍ୟୁନିକେଶନ୍ସ ବିଭାଗର ମୁଖ୍ୟ ଗୋଲ୍ଡି ପଟ୍ଟନାୟକ କହିଛନ୍ତି, "ଦୀପାବଳି ହେଉଛି ଆଲୋକ, ଆନନ୍ଦ ଓ ଏକତାର ଏକ ସମୟ ଏବଂ ରେନୋ୧୪ ୫ଜି ଦିୱାଲି ଏଡିସନ ସହିତ ଆମେ ଏହି ପର୍ବର ଉତ୍ସାହକୁ ବାସ୍ତବରେ ପ୍ରତିଫଳନ କରୁଥିବା ଏକ ଉତ୍ପାଦ ନିର୍ମାଣ କରିବାକୁ ଚାହୁଁଥିଲୁ। ଏହା କେବଳ ଏକ ସ୍ମାର୍ଟଫୋନ ନୁହେଁ ଏହା ଦୀପାବଳିର ଆନନ୍ଦ ଓ ଉଷ୍ମତାକୁ ପ୍ରଦର୍ଶିତ କରିବା ପାଇଁ ଡିଜାଇନ କରାଯାଇଥିବା ଏକ ପାର୍ବଣ ସ୍ମୃତି ଅଟେ।"

# ଓଲା ଇଲେକ୍ଟ୍ରିକ ପକ୍ଷରୁ ଓଲା ସେଲିବ୍ରେଟ୍‌ସ ଇଣ୍ଡିଆ କ୍ୟାମ୍ପେନର ଶୁଭାରମ୍ଭ

ଭୁବନେଶ୍ୱର,୨୬।୯ (ନି.ପ୍ର) : ଭାରତର ସର୍ବବୃହତ ପ୍ୟୋର-ପ୍ଲେ ଇଭି କମ୍ପାନୀ ଓଲା ଇଲେକ୍‌ଟ୍ରିକ ପକ୍ଷରୁ ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ଏହାର ନୂଆ ଓଲା ସେଲିବ୍ରେଟ୍‌ସ ଇଣ୍ଡିଆ କ୍ୟାମ୍ପେନ ଘୋଷଣା କରାଯାଇଛି। ଏହି କ୍ୟାମ୍ପେନର ଅଂଶ ଭାବେ କମ୍ପାନୀ ୨୩ ସେପ୍ଟେମ୍ବର ୨୦୨୫ରୁ ପରବର୍ତୀ ୯ ଦିନ ପାଇଁ ୪୯,୯୯୯ ଟଙ୍କାରୁ ଆରମ୍ଭ ହେଉଥିବା ଏହାର ଏସ୧ ସ୍କୁଟର, ରୋଡଷ୍ଟର ଏକ୍ସ ମୋଟରସାଇକେଲଗୁଡିକ ପାଇଁ ଆକର୍ଷଣୀୟ ମୂଲ୍ୟ ସହିତ ଓଲା ମୁହୂର୍ତ୍ତ ମହୋତ୍ସବର ଶୁଭାରମ୍ଭ କରାଯାଇଛି। ଏଥିରେ ଗ୍ରାହକମାନେ ଏବେ ପୂର୍ବରୁ କେବେ ଦେଖିନଥିବା ମୂଲ୍ୟରେ ପ୍ରତିଦିନ ଓଲାର ସ୍କୁଟର ଓ ମୋଟରସାଇକେଲ କ୍ରୟ କରିବାର ଏକ ସୁଯୋଗ ପାଇବେ। ମୁହୁରତ ମହୋତ୍ସବ ଅଧିନରେ ଏସ୧ ଏକ୍ସ ୨କେଡବ୍ଲ୍ୟୁଏଚ ଓ ରୋଡଷ୍ଟର ଏକ୍ସ ୨.୫କେଡବ୍ଲ୍ୟୁର ମୂଲ୍ୟ ୪୯,୯୯୯ ଟଙ୍କା ରହିବ ଏବଂ ଏସ୧ ପ୍ରୋ+ ୫.୨କେଡବ୍ଲ୍ୟୁଏଚ ଓ ରୋଡଷ୍ଟର ଏକ୍ସ+୯.୧କେଡବ୍ଲ୍ୟୁଏଚର ମୂଲ୍ୟ ୯୯,୯୯୯ ଟଙ୍କା ରହିବ। ଉଭୟ ଏସ୧ ପ୍ରୋ+ ୫.୨ କେଡବ୍ଲ୍ୟୁଏଚ ଓ ରୋଡଷ୍ଟର ଏକ୍ସ+୯.୧ କେଡବ୍ଲ୍ୟୁଏଚ ୪୬୮୦ ଭାରତ ସେଲ ବ୍ୟାଟେରୀ ପ୍ୟାକ୍ ସହିତ ଆସୁଛି। କମ୍ପାନୀ ପକ୍ଷରୁ ପ୍ରଥମେ ଆସ, ପ୍ରଥମେ ପାଅ ଆଧାରରେ ଏହି ମୂଲ୍ୟଗୁଡିକରେ ଏସ୧ ଓ ରୋଡଷ୍ଟରର ସୀମିତ ୟୁନିଟ୍ ପ୍ରଦାନ କରାଯିବ। ଏଥିସହିତ ମୁହୁରତ ଟାଇମ-ସ୍ଲଟ ସମ୍ପର୍କରେ ପ୍ରତିଦିନ ସକାଳ ସମୟରେ ବ୍ରାଣ୍ଡର ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ଘୋଷଣା କରାଯିବ। ଏସମ୍ପର୍କରେ ଓଲା ଇଲେକ୍‌ଟ୍ରିକର ପ୍ରବକ୍ତା କହିଛନ୍ତି, "ଓଲା ସେଲିବ୍ରେଟ୍‌ସ ଇଣ୍ଡିଆ ସହିତ ଆମେ ପ୍ରଗତି,




ସଂସ୍କୃତି ଓ ଉପଲବ୍ଧତାକୁ ଏଭଳି ଏକ ଉପାୟରେ ଏକତ୍ରିତ କରିଛୁ ଯାହା ଚଳିତ ପାର୍ବଣ ଋତୁର ଉତ୍ସହ ସହ ପ୍ରତିଧ୍ୱନିତ୍ୱ ହେଉଛି। ମୁହୁରତ ମହୋତ୍ସବ କେବଳ ପୂର୍ବରୁ କେବେ ଦେଖିନଥିବା ମୂଲ୍ୟଗୁଡିକ ସମ୍ପର୍କିତ ନୁହେଁ ବରଂ ଏହା ପ୍ରତ୍ୟେକ ଭାରତୀୟ ପରିବାର ପାଇଁ ବିଶ୍ୱସ୍ତରୀୟ ଇଭିଗୁଡିକୁ ପହଂଚଯୋଗ୍ୟ କରିବା ସମ୍ବନ୍ଧିତ ଅଟେ। " ଓଲା ଇଲେକ୍‌ଟ୍ରିକ ବର୍ତମାନ ଏସ୧ ସ୍କୁଟର ଓ ରୋଡଷ୍ଟର ଏକ୍ସ ମୋଟରସାଇକେଲଗୁଡିକର ଏକ ବିସ୍ତୃତ ପୋର୍ଟଫୋଲିଓ ପ୍ରଦାନ କରୁଛି। ପ୍ରିମିୟମ ଏସ୧ ଜେନ ୩ ପୋର୍ଟଫୋଲିଓରେ ୫.୨ କେଡବ୍ଲ୍ୟୁଏଚ ଓ ୪କେଡବ୍ଲ୍ୟୁଏଚ କନ୍‌ଫିଗରେଶନରେ ଏସ୧ ପ୍ରୋ+ ଏବଂ ୪କେଡବ୍ଲ୍ୟୁଏଚ ଓ ୩କେଡବ୍ଲ୍ୟୁଏଚରେ ଏସ୧ ପ୍ରୋ ସାମିଲ ରହିଛି ଯାହାର ମୂଲ୍ୟ ଯଥାକ୍ରମେ ୧୬୯,୯୯୯ ଟଙ୍କା, ୧୫୧,୯୯୯ ଟଙ୍କା, ୧୩୭,୯୯୯ ଟଙ୍କା ଓ ୧୨୦,୯୯୯ ଟଙ୍କା ରହିଛି।

